## ସଂକ୍ଷେପରେ

### ୧୭ ଶ୍ରମିକ ଉଦ୍ଧାର: ୨ କୋର୍ଟ ଚାଲାଣ

ଲାଠୋର, ୧୩।୧୨ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମହୁଲବାହଲିଠାରୁ ଶନିବାର ପୋଲିସ ୧୭ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ଜଣାପଡିଛି। ତେବେ ଏହି ବେଆଇନ ଶ୍ରମିକ ଚାଲାଣ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫକରି କଣ୍ଟାବାଞ୍ଜି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତୁରେକେଲା ଥାନା ଅଧୀନ ନୂଆପଡ଼ା ଗ୍ରାମର ପୀତବାସ ତାଣ୍ଡି(୪୮) ଏବଂ ଘନ ତାଣ୍ଡି(୩୨)। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ମହୁଲବାହଲି ଓ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ନଗାଁର ଉପରୋକ୍ତ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉକରି ଶ୍ରମିକମାନଙ୍କୁ ଉଦ୍ଧାରକରିବା ସହ ସେମାନଙ୍କ ଘରକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୩୪୧/୨୫) ରୁଜୁ ହୋଇଥିବା ଥାନାଧିକାରୀ ରାକେଶ ବେହେରା କହିଛନ୍ତି।

# ରାସ୍ତାରେ ଅଟକିଛି ଅଚଳ ଟ୍ରେଲର, ଘଟୁଛି ଦୁର୍ଘଟଣା

ଲୋଇସିଂହା, ୧୩।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥର ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମ ନିକଟ ରାସ୍ତାରେ ଏକ ଟ୍ରେଲର ୫ ଦିନ ହେବ ଅଚଳ ହୋଇ ପଡିରହିଛି। ଫଳରେ ରାତିବେଳା ରାଜପଥରେ ଚଳାଚଳ କରୁଥିବା ଯାନବାହନ ଏଥିରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେଉଛି। ହେଲେ ରାସ୍ତା ମଝିରୁ ଗାଡ଼ିକୁ ହଟାଇବା ପାଇଁ ବଲାଙ୍ଗୀର ରାଜପଥ ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏଥିଯୋଗୁ ଆଗାମୀ ଦିନରେ ଆହୁରି ଦୁର୍ଘଟଣା ଘଟି ଜୀବନହାନି ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




ଅଚଳ ଅବସ୍ଥାରେ ରାସ୍ତାରେ ରହିଥିବା ଟ୍ରେଲର।

ସୂଚନା ଅନୁଯାୟୀ, ଗତ ୯ ତାରିଖ ରାତିରୁ ଏହି ଟ୍ରେଲର ଅଚଳ ହୋଇ ରାସ୍ତାରେ ଅଟକି ରହିଛି। ୧୦ ତାରିଖ ମଧ୍ୟରାତ୍ରରେ ବରଗଡ଼ ପଟରୁ ଆସୁଥିବା ପ୍ଲାଷ୍ଟିକ ସାମଗ୍ରୀ ବୋଝେଇ ଟାଟା ଏସିଇ ଗାଡି ଘନ କୁହୁଡି ଯୋଗୁ ଉକ୍ତ ଗାଡ଼ିରେ ପିଟି ହୋଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଗାଡିରେ ଥିବା ୩ ଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଗାଡ଼ିକୁ ଉଦ୍ଧାର କରାଯାଇଥିଲା। ହେଲେ ଟ୍ରେଲରଟି ସେହିଭଳି ଭାବେ ରାସ୍ତାରେ ରହିଛି। ଏଥିଯୋଗୁ ନିକଟରେ ଥିବା ବସ୍ତିବାସିନ୍ଦା ଓ ସ୍କୁଲ ଛାତ୍ରୀଛାତ୍ର ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ରାସ୍ତାରୁ ଅଚଳ ଟ୍ରେଲର ହଟାଇବା ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି।

# ଅଶୋକ କୁମାର ବାଗଙ୍କୁ ବାବା ସାହେବ ଆମ୍ବେଡ୍କର ଜାତୀୟ ଫେଲୋଶିପ ଆୱାର୍ଡ



କାର୍ଯ୍ୟକ୍ରମରେ ଅଶୋକ କୁମାର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖପ୍ରାଖୋଲ, ୧୩।୧୨ (ଅଭୟ ତ୍ରିପାଠୀ)

ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ପକ୍ଷରୁ ଦିଲ୍ଲୀଠାରେ ଆୟୋଜିତ ଜାତୀୟ ସମ୍ମିଳନୀରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳର ସାମାଜିକ କର୍ମୀ ଅଶୋକ କୁମାର ବାଗଙ୍କୁ ବାବା ସାହେବ ଡ. ବି. ଆର୍ ଆମ୍ବେଡ୍କର ଜାତୀୟ ଫେଲୋଶିପ ଆୱାର୍ଡରେ ସମ୍ମାନିତ କରାଯାଇଛି। ସମାଜ ସେବା, ମାନବିକ ଚିନ୍ତାଧାରା ଓ ଦଳିତ ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅବଦାନକୁ ସମ୍ମାନ ଜଣାଇ ଏହି ଫେଲୋଶିପ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଜାତୀୟ ସଭାପତି ଡ. ଏସ୍.ପି. ସୁମନକ୍ଷରଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ସତ୍ୟନାରାୟଣ ଜଟିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଂଘପ୍ରିୟ ଗୌତମ ମଞ୍ଚାସୀନ ଥିଲେ। ଏହି ଜାତୀୟ ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ସଭାପତି, ଉପସଭାପତି, ସେକ୍ରେଟାରିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ସଭାପତି ନିହାଲ ସିଂ ଓ ଆଇନଜୀବୀ ଦୀପକ ରଞ୍ଜନ ବାଗ ଉପସ୍ଥିତ ଥିବା ଜଣାପଡିଛି।

### ସମାଜ ସଂସ୍କାର ପାଇଁ ବ୍ରାହ୍ମଣ ସଙ୍କଳ୍ପବଦ୍ଧ

ଟିଟିଲାଗଡ଼, ୧୩।୧୨ (ଶରତ ମିଶ୍ର)

ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ନାନାଝେର ମା' ଦ୍ୱାରଶୁଣୀଗୁଡ଼ିଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରାଜୀବ ଲୋଚନ ପାଢ଼ୀ ଓ ଜଗନ୍ନାଥ ପଣ୍ଡା ଯୋଗଦେଇ କହିଛନ୍ତି, ଯୁଗେ ଯୁଗେ ସଂସ୍କୃତି, ପରମ୍ପରାର ସୁରକ୍ଷା ପାଇଁ ବ୍ରାହ୍ମଣ ସମାଜ ଆଗକୁ ଆସିଛନ୍ତି। ବେଦ, ଗୀତା, ଭାଗବତରେ ଶାନ୍ତି, ଅହିଂସା, ପରସ୍ପର ପ୍ରତି ସ୍ନେହ, ଭ୍ରାତୃଭାବର ପ୍ରଚାରପ୍ରସାର କାର୍ଯ୍ୟରେ ବ୍ରାହ୍ମଣ ସମାଜ ସମଗ୍ର ବିଶ୍ୱକୁ ମହାନ୍ ବାର୍ତ୍ତା ଦେଇ ଆସିଛନ୍ତି। ଆଗାମୀ ଦିନରେ ବିଶ୍ୱ ଶାନ୍ତି, ସମାଜ ସଂସ୍କାର ପାଇଁ ବ୍ରାହ୍ମଣ ସଂକଳ୍ପବଦ୍ଧ ବୋଲି ସେମାନେ କହିଛନ୍ତି। ବ୍ରାହ୍ମଣ ସମାଜ ସଭାପତି ସୁବୋଧ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ରାମ ନାରାୟଣ ମିଶ୍ର, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ସହସମ୍ପାଦକ ଶୁକଦେବ ଜୋଷୀ, କୋଷାଧ୍ୟକ୍ଷ ରାମନାଥ ଖମାରୀ, ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଚିନ୍ତାମଣି ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ଖବରଦାତା ଶରତ ମିଶ୍ର, ଦିଲୀପ ପୁରୋହିତ, ଟିଟିଲାଗଡ଼ ଭାଜପା ନଗର ସଭାପତି ସୁନୀଲ ଆଚାର୍ଯ୍ୟ, ଦେବ ଷଡ଼ଙ୍ଗୀ, କାହ୍ନୁ ଚରଣ ମିଶ୍ର, ଚୁନିଆ ପାଣିଗ୍ରାହୀ, ଭକ୍ତ ପୁରୋହିତ, ଶିବା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଗଠନର ଅଧିବେଶନ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବଲାଙ୍ଗୀର, ୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଗଠନ ସମ୍ବଲପୁର ମଣ୍ଡଳ ପରିଷଦର ଦୁଇଦିନିଆ ୧୧ତମ ସାଧାରଣ ଅଧିବେଶନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ସହର ଉପକଣ୍ଠ ନଟରାଜ ପ୍ୟାଲେସଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାବେଶରେ ମଣ୍ଡଳ ପରିଷଦ ସଭାପତି ଦାମୋଦର କର ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ କେନ୍ଦ୍ରୀୟ ସମ୍ପାଦକ ବି. ମାର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ ସାଙ୍ଗଠନିକ ଅଧ୍ୟକ୍ଷ ଏନ୍. ଗଜପତି ରାଓ, ଜୀବନ ବୀମା ନିଗମ ସମ୍ବଲପୁର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ରବି ନାରାୟଣ ପୂଝାରୀ, ଶିକ୍ଷା ବିଭାଗ ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସମ୍ପାଦକ ସରୋଜ କୁମାର ଶଙ୍କୁଆ, କ୍ଷେତ୍ରୀୟ ସାଙ୍ଗଠନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, କାର୍ଯ୍ୟକାରୀ ସଭାପତି ଇଂ. ଅଜିତ କର, ସମ୍ପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳସ୍ତରୀୟ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ ସ୍ୱାଗତ ଭାଷଣ, ବରିଷ୍ଠ ମହିଳା ଅଭିକର୍ତ୍ତା କଳ୍ପନା ମେହେର ଓ ଆରତି କୁମାର ସଭା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବଂଶୀଧର ଦାନୀଙ୍କ ମନ୍ତ୍ରୋଚ୍ଚାରଣରେ ଦେବୀ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇ ଦିବଂଗତ ମହାସଙ୍ଗଠନର ନେତୃବୃନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାଙ୍ଗଠନିକ ନେତୃବୃନ୍ଦ ଜୀବନ ବୀମା ଅଭିକର୍ତ୍ତାମାନଙ୍କ ବହୁବିଧ ସମସ୍ୟା ଓ ବୃତ୍ତିଗତ ସୁରକ୍ଷା ଉପରେ ବିଚାରବିମର୍ଶ କରି ମହାସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ଶାଖାର କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ଡମ୍ବରୁଧର ମେହେର, କହ୍ନାଇଲାଲ ମେହେର, ଗୋଲକ ବିହାରୀ ସାହୁ, ସମ୍ପାଦକ ସରୋଜ କୁମାର ଭୋଇ, ଯୁଗ୍ମ ସମ୍ପାଦକ ପ୍ରଭୁଦତ୍ତ ଦାଶ, ପୁରନ୍ଦର ମିଶ୍ର, ସଞ୍ଜୀବ କୁମାର ମିଶ୍ର, ସଂଯୋଜକ କୃତିବାସ କର୍ମୀ ଓ କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ଅଭିକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। ଶେଷରେ ବରିଷ୍ଠ ଅଭିକର୍ତ୍ତା ଦେବାନନ୍ଦ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ବିଝେସୀ ବାରିକ ଓ ଶିବାନୀ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ବଲାଙ୍ଗୀର, ୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସୁଦପଡ଼ା ଫାଟକ ନିକଟରେ ରେଲୱେ କାମ ଚାଲିଥିବା ସମୟରେ ଶନିବାର ଜଣେ କର୍ମଚାରୀ ଉଚ୍ଚକ୍ଷମତା ସମ୍ପନ୍ନ ରେଲୱେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ବଲାଙ୍ଗୀର ପଥରଚେପାର ପୂର୍ଣ୍ଣ ମିର୍ଦ୍ଧା। ଯୁବ ସାମାଜିକ କର୍ମୀ ଅସୀମ ଭୋଇ ସେହି ରାସ୍ତାଦେଇ ଯାଉଥିବାବେଳେ ବିଦ୍ୟୁତ ଆଘାତରେ ଛଟପଟ ହେଉଥିବା ଯୁବକଙ୍କୁ ନିଜ ସ୍କୁଟିରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଏହାପରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିବା ଜଣାପଡିଛି। ଏନେଇ ରେଲୱେ ଥାନାର ଜଣେ ଏଏସଆଇଙ୍କୁ ପଚରାଯିବାରୁ ସେଭଳି କୌଣସି ଘଟି ନ ଥିବା କହିଛନ୍ତି। ଅନ୍ୟପଟେ ଟାଉନ୍ ଥାନା ଆଇଆଇସିଙ୍କୁ ପଚରାଯିବାରୁ ଏହା ରେଲୱେ ଥାନାର ଘଟଣା ବୋଲି କହିଛନ୍ତି।

# ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କିତ ଶିକ୍ଷାସଭା




ଶିକ୍ଷାସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଲାଠୋର, ୧୩।୧୨ (ଭୁବନେଶ୍ୱର ବାରିକ)

ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀକରି ୬ରୁ ୧୮ ବର୍ଷ ବୟସର ପିଲାଙ୍କୁ ଶିକ୍ଷାର ମୁଖ୍ୟ ଧାରାରେ ସାମିଲକରିବା ଉଦ୍ଦେଶ୍ୟରେ ଖପ୍ରାଖୋଲ ବ୍ଲକ୍ ଅଧୀନ ସୁନାମୁଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ ଉପରେ ଶିକ୍ଷା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୁଳମଣି ଧାରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ସୁନାଫୁଲ ବାଗ, ସିଆର୍‌ସିସି ସୁନୀଲ ମହାନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସୁନାମୁଦି, ସରେଇବାହାଲ, ପତ୍ରାପାଲି ଓ ଗୋୟଲମୁଣ୍ଡା ଗ୍ରାମର ପିଆର୍‌ଆଇ ସଦସ୍ୟ ଉପସ୍ଥିତ ଥିଲେ। ଡ୍ରପ୍ ଆଉଟ୍ ପିଲାଙ୍କୁ ପୁନଃ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରାଇଆଣିବା ସହ ସେମାନଙ୍କୁ ସିଓଏସ୍ ଏବଂ ଏନ୍‌ଆଇଓଏସ୍ ମାଧ୍ୟମରେ ଶିକ୍ଷା ସୁଯୋଗ ପ୍ରଦାନ କରିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଟଙ୍କପାଣି କ୍ଲଷ୍ଟର ଅଧୀନ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ମିଠାଲାଲ ସୁନା, ପଞ୍ଚୁ କୁମ୍ଭାର, ଦୟାସାଗର ମାଝୀ, ରାହୁଲ ଭୋଇ, ମାଧବ ଶବର, ତୁଳାରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମୁକେଶ ସୁନା ସଭା ପରିଚାଳନା ଓ ଶିକ୍ଷକ ଶେଷଦେବ ଦାସ ଧନ୍ୟବାଦ ଦେଇଥିଲେ।

# ଅସାମାଜିକ ତତ୍ତ୍ୱଙ୍କୁ ସାବାଡ୍ ପାଇଁ ପୋଲିସର ଅଭିଯାନ

ବଲାଙ୍ଗୀର, ୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପକ୍ଷରୁ ନୂଆବର୍ଷ ଅବ୍ୟବହିତ ପୂର୍ବରୁ ଅସାମାଜିକ ତତ୍ତ୍ୱଙ୍କ ଉପରେ ଚଢ଼ାଉ ଅଭିଯାନ ଆରମ୍ଭ କରାଯାଇଛି। ଟାଉନ୍ ଥାନା ଆଇଆଇସି ଅବନୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ସହରର ବିକ୍ରମ ଛକ, ଡେଲିମାର୍କେଟ ଏବଂ ଭାଗୀରଥି ଛକ ଅଞ୍ଚଳରେ ସ୍ପିଡ୍ ବାଇକର, ନିଶାସକ୍ତ ଗାଡି ଚାଳକ, ସନ୍ଦିଗ୍ଧ ବ୍ୟକ୍ତିବିଶେଷ, ରାସ୍ତା ଉପରେ ବେଆଇନ ପାର୍କିଂ ଓ ଉଠାଦୋକାନୀଙ୍କୁ ତାଗିଦ୍ କରିଥିଲେ। ଏପରି କି ବେଆଇନ ଭାବେ ବିକ୍ରି



ଚଢ଼ାଉ ଅଭିଯାନରେ ସାମିଲ ପୋଲିସ କର୍ମଚାରୀ।

ହେଉଥିବା ମଦ, କଫ ସିରପ୍ ଦୋକାନରେ ଚଢ଼ାଉ ଆରମ୍ଭ ହୋଇଥିବା ଆଇଆଇସି ସାହୁ କହିଛନ୍ତି। ଏହାବାଦ୍ ନିଶାସେବନ କରି ଗାଡି ଚାଳନା କରୁଥିବା ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ନୂଆବର୍ଷ ପାଳନ ପୂର୍ବରୁ ସହରରେ ଭିଡ ପରିଚାଳନା ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ଆଇଆଇସି ସାହୁ କହିଛନ୍ତି।

### ଚାଷୀଙ୍କୁ ଆଳୁ ବିହନ ବଣ୍ଟନ

ଖପ୍ରାଖୋଲ, ୧୩।୧୨ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଉପଖଣ୍ଡ ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଯୋଗଦେଇ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଉମାକାନ୍ତ ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦୀନବନ୍ଧୁ ବେହେରା, ଲିଙ୍ଗରାଜ ପୁଟେଲଙ୍କ ସମେତ ଉତ୍ପାଦକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

# ଉଦ୍ୟୋଗ ବିକାଶ ପ୍ରୋତ୍ସାହନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଲୋଇସିଂହା, ୧୩।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜ ଓ ଭୁବନେଶ୍ୱର କେନ୍ଦ୍ରୀୟ ସାଧନ ପ୍ରଶିକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଉଦ୍ୟୋଗ ବିକାଶ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କେନ୍ଦ୍ରର ପ୍ରଶିକ୍ଷକ ଆକାଶ ସେଠ, ପ୍ରଶାନ୍ତ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଔଦ୍ୟୋଗିକ ବିକାଶ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଧାପକ ଡା. ଅନ୍ତର୍ଯ୍ୟାମୀ ନାଏକ, ଅଧାପକ ପ୍ରମୋଦ କୁମାର ଦାଶ ମଞ୍ଚାସୀନ ହୋଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧାପକ ସୁଧାଂଶୁ ଶେଖର ବାଗ, ଗୋପାଳ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଇଣ୍ଟରନେଟ୍ ଯୁଗରେ ପୁସ୍ତକ ପଠନର ଦିଗ ପ୍ରସାରିତ

**ଟିଟିଲାଗଡ଼ ବହିହାଟ ଉଦ୍‌ଘାଟିତ**

ଟିଟିଲାଗଡ଼, ୧୩।୧୨ (ଶରତ ମିଶ୍ର)

ଟିଟିଲାଗଡ଼ ବିଆର୍‌ସି କୋଠାରେ ବହିହାଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭିକାରି ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନବୀନ କୁମାର ଜୈନ ଯୋଗଦେଇ କହିଛନ୍ତି, ଇଣ୍ଟରନେଟ୍ ଯୁଗରେ ବି ପୁସ୍ତକ ପଠନର ଦିଗ ପ୍ରସାରିତ। ପୁସ୍ତକ ପ୍ରକାଶନର ବ୍ୟାପକତା ବେଶ୍ ବୃଦ୍ଧି ପାଇଛି। ଲେଖକୀୟ ଅଭିବ୍ୟକ୍ତି ମଧ୍ୟରେ ଶୈକ୍ଷିକ ଓ ବୌଦ୍ଧିକ ପ୍ରତିବେଦନର ସଂସ୍କାର ଘଟିଛି। ପୁସ୍ତକ ମେଳାର ମାନ ବହୁ ଗୁଣିତ ହୋଇଛି। ସରକାରୀ ଓ ବେସରକାରୀ ଉଦ୍ୟମରେ ପ୍ରତିବର୍ଷ ରାଜ୍ୟ, ଜିଲା ଓ ଉପଖଣ୍ଡସ୍ତରୀୟ ପୁସ୍ତକ ମେଳା ଆୟୋଜନ କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ବିଶିଷ୍ଟ ଅତିଥି ଭାବେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ପ୍ରଭାବତୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସୁଶ୍ରୀ ସୁନନ୍ଦା ଯତି ଏବଂ ମୁଖ୍ୟବକ୍ତା ଭାବେ ଲୋହିତାକ୍ଷ ଜୋଷୀ ଯୋଗଦେଇ ପୁସ୍ତକ ପଠନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବହିହାଟର ଉପଦେଷ୍ଟା ରାଜୀବ ଲୋଚନ ପାଢ଼ୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ବିବରଣୀ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କମିଟି କୋଷାଧ୍ୟକ୍ଷ ସତ୍ୟବ୍ରତ ପଣ୍ଡା ମଞ୍ଚ ପରିଚାଳନା ଓ ଉପସଭାପତି ବନମାଳୀ ଦାଶ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପାଟଣାଗଡ଼, ୧୩।୧୨ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଠଣସୁନ୍ଦର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ପୁରୋହିତ, ସମ୍ମାନିତ ଅତିଥି ଭାବେ ତ୍ରିନାଥ ମହାପାତ୍ର, ଗୌରଚରଣ ମହାପାତ୍ର, ଜ୍ଞାନେନ୍ଦ୍ର ସାଏ ଓ ସମିତି ସଭ୍ୟ ଛନ୍ଦାଚରଣ ସାହୁ ମଞ୍ଚାସୀନ ଥିଲେ। ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଦାୟିତ୍ୱରେ ଥିବା ଅଧ୍ୟାପକ ଗୁଣସାଗର ଠାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ୨୦ଟି ବିଭାଗ ପାଇଁ ପାଖାପାଖି ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୁକ୍ତ୩ର ପିଇଟି ସହଦେବ ବିଶି, ଅଧ୍ୟାପକ ସନ୍ତୋଷ କୁମାର ରାଉତ, ବିମଳ ସାହୁ, ଡିଲେଶ୍ୱର ସେଠ, ଆକାଂକ୍ଷା ମିଶ୍ର, ଡୋଲାମଣି ସାହୁ, ହିମାଂଶୁ ସାହୁ, ଈପ୍‌ସିତା ପୁରୋହିତ, ମାନସରାଜ ସିଂ, କୁଳମଣି ବାବୁ, ଉଦ୍ଧବ ସାଏ, ମୁରାରୀ ସାହୁ, ଗୋପବନ୍ଧୁ ସାହୁ, ସୂର୍ଯ୍ୟନାରାୟଣ ଥନାପତି, ମନ ସେଲମାଙ୍କ ସମେତ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

# ବ୍ଲକସ୍ତରୀୟ ଶିଶୁମେଳାରେ ଭାଗନେଲେ ୮୦ ପ୍ରତିଯୋଗୀ

ମୁରିବାହାଲ, ୧୩।୧୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଓଷ୍ଟା ସଂଘ ପକ୍ଷରୁ ୪୨ତମ ବ୍ଲକସ୍ତରୀୟ ଶିଶୁମେଳା ଶନିବାର ଚଲକି ଗ୍ରାମପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ସମ୍ମାନିତ ଅତିଥି ଭାବରେ ଓଷ୍ଟା ସଂଘ ରାଜ୍ୟ ଉପସଭାପତି ସୁଧୀର ନାୟକ, ଓଷ୍ଟା ସଂଘ କାର୍ଯ୍ୟକାରୀ ସଭାପତି ଅନୀଲ ସାହୁ, ଜିଲା ସମ୍ପାଦକ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଏହି ଶିଶୁମେଳାରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଗଳ୍ପଲିଖନ, ଏକକ ନୃତ୍ୟ, ଆବୃତ୍ତି, କୁଇଜ୍, କବିତା ରଚନା, ଏକକ ନୃତ୍ୟ ଓ ଅଭିନୟ ଭଳି ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବିଶିଷ୍ଟ ଆଇନଜୀବୀ ସୁଦାମ ଚରଣ ବାଘାର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଭିମନ୍ୟୁ ପଧାନ, ସୁରେଶ ବେହେରା, ବାସୁଦେବ ମେହେର, ବ୍ରଜେନ୍ଦ୍ର କୁମାର ଶତପଥୀ, ନବକିଶୋର ନିଆଲ, ଲମ୍ବୋଦର ହାତୀଖୁଜିଆ ସହଯୋଗ କରିଥିଲେ। ଚଲକି ହାଇସ୍କୁଲର ପ୍ରଧାନ ଶିକ୍ଷକ କଳାମଣି ଚିନ୍ଦାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା ସଭାପତି ଶ୍ରୀବତ୍ସ ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଓଷ୍ଟା ସଂଘର ସଭାପତି ପ୍ରଦୀପ କୁମାର ପୁଟେଲ, ବିଦ୍ୟାଳୟ ସଭାପତି ଉଦ୍ଧବ ଚରଣ ନାଏକ, ଚଲକି ସରପଞ୍ଚ ମମତା ପ୍ରଧାନୀ, ବିଶିଷ୍ଟ ଅତିଥି ଭାବେ ମନୁ ଭୋଇ, ହୀରାଲାଲ ଜୈନ, ଯୁବରାଜ ବାଗ, ଡିକୁ ପଟ୍ଟନାୟକ ଯୋଗଦେଇ ଗ୍ରାମାଞ୍ଚଳର ପ୍ରତିଭାଧାରୀଙ୍କ ଉନ୍ନତି ଉପରେ ମତବ୍ୟକ୍ତ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ

ଅମରପାଲି,(ପୀତାମ୍ବର ସାହୁ): ବୀରମହାରାଜପୁର ବ୍ଲକ ଅଚଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକ ପଦଯାତ୍ରା କରିଥିଲେ। ଶିକ୍ଷା ସଭାରେ କେନଝିରିଆପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୟ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ୱାର୍ଡସଭ୍ୟା ଦାଣ୍ଡ କର୍ଣ୍ଣ, ଶିକ୍ଷକ ଜଗଦୀଶ ପଧାନ, ସନ୍ତୋଷ ସାହୁ, ସ୍ୱର୍ଣ୍ଣଲତା ସାହୁ, ଅଚ୍ୟୁତାନନ୍ଦ କୁରକୁରିଆ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସଞ୍ଜୟ ମିଶ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତିମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ୮ ଟି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ,ଏବଂ ଅଧାରୁ ପାଠ ଛାଡି ଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦାନ କରିଥିଲେ।



## ସଂକ୍ଷେପରେ

### ଚରଦା ଧାନମଣ୍ଡି ଉଦ୍‌ଘାଟିତ

ବିନିକା,୧୩।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ସେବା ସମବାୟ ସମିତିରେ ଧାନକ୍ରୟ ଶନିବାର ଆରମ୍ଭ ହୋଇଛି। ସେବା ସମବାୟ ସଭାପତି ଚତୁର୍ଭୁଜ ଥନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚରଦା ସରପଞ୍ଚ ବୃନ୍ଦାବତୀ ନାଏକ, ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ଯୋଗାଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ପାକ୍ସ ସମ୍ପାଦକ ରବି ନାରାୟଣ ଥନାପତି ପୂଜାର୍ଚ୍ଚନା ପୂର୍ବକ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଧିକାରୀ ଉମାକାନ୍ତ ବାଗ, ଆର୍‌ଏମସି କର୍ମଚାରୀ ଅକ୍ଷୟ କୁମାର ସାହୁ, ଚାଷୀ ସୁଧୀର କୁମାର ପଣ୍ଡା, ନୀଳାମ୍ବର ଥନାପତି, ସୁବାସ ମହାକୁର, ଆର୍ତ୍ତତ୍ରାଣ ହୋତା, ପଦ୍ମନାଭ ଥନାପତି ଉପସ୍ଥିତ ଥିଲେ। କାର୍ଯକ୍ରମରେ ଗଦାଧର ପୂଝାରୀ, ବଦ୍ରି ନାରାୟଣ ଥନାପତି ସହଯୋଗ କରିଥିଲେ। ଉଦଘାଟନ ପରେ ଫୁଲମୁଠି ଗ୍ରାମର ଚାଷୀ ସୁଧୀର କୁମାର ପଣ୍ଡାଙ୍କ ୨୦୦ପ୍ୟାକେଟ ଧାନ କ୍ରୟ କରାଯାଇଥିଲା। ଟାର୍ଗେଟ ଆସିଲେ ଟୋକନପ୍ରାପ୍ତ ଚାଷୀମାନଙ୍କଠାରୁ ଧାନ କିଣାଯିବ ବୋଲି ସମ୍ପାଦକ ଥନାପତି କହିଥିଲେ।

### ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଡୁଙ୍ଗୁରିପାଲି, ୧୩।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ହାଇସ୍କୁଲ ୧୯୮୨ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଶନିବାର ନିକଟ ଏକ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଉକ୍ତବ୍ୟାଚର ବନ୍ଧୁମାନେ ପାଠପଢା ସମୟର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ସ୍ୱଚ୍ଛତା ହିଁ ସେବା, ପରିବେଷଣ ସୁରକ୍ଷା ରଖିଲେ ଜୀବଜଗତ ବଞ୍ଚିବ, ପରିବେଶ ସୁରକ୍ଷା ନେଇ ସେମାନେ ସଙ୍କଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ମଣିଲାଲ ଶର୍ମା ସଂଯୋଜନା କରିଥିଲେ। ଭୋଜରାଜ ଦଣ୍ଡସେନା, ରାଜୁ ନନ୍ଦ, ଭୁବନସିଂ ସାହୁ, ଅନଳ ବିଶ୍ୱାଳ, ବ୍ରଜରାଜ ସାହୁ, ବୈଷ୍ଣବ ଷଡ଼ଙ୍ଗୀ, ସଉକିଲାଲ ଦୋରା, ଶୁକ ଭୋଇ, ପୟୋଧର ସାହୁ, ରବୀନ୍ଦ୍ର ବେଚିହା, ରମେଶ ବେହେରା, ତପନ ତନ୍ତି, ବାଲି ସାହୁ ପ୍ରମୁଖ ଯୋଗଦେଇଥିଲେ।

### କାଶୀନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି,୧୩।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପହଣ୍ଡି କାଶୀନାଥ ମହାବିଦ୍ୟାଳୟରେ ଦୁଇଦିନଧରି ଚାଲିଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ବାହାରି ମହାବିଦ୍ୟାଳୟ ଖେଳ ପଡିଆରେ ପହଞ୍ଚି ଥିଲେ। ଏହାକୁ ମହାବିଦ୍ୟାଳୟ ସଭାପତି ନେହେରୁଲାଲ ସା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଉପଦେଷ୍ଟା ମଣ୍ଡଳୀର ବିହାରୀ ସିଂ, ରାତ୍ର ମେସୁଆ, ପ୍ରେମାନନ୍ଦ ଡାଙ୍ଗ, ଆନନ୍ଦ ସାହୁ, ଲିଙ୍ଗରାଜ ପଧାନ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଚନ୍ଦ୍ରମା ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିବାବେଳେ ଅଧାପିକା ଉିଲେଶରୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ବିଭିନ୍ନ ଖେଳକୁଦ ସହ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ମହାବିଦ୍ୟାଳୟରେ ଏକ ସଭା ହୋଇଥିଲା। ଏଥିରେ ଗଣେଶ ନାଏକ, ସନୁ ପଧାନ, ଗିକେଶ୍ୱର ବଢେଇ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୩।୧୨(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ ତତ୍ତ୍ୱାବଧାନରେ ଶକ୍ତି ସଂରକ୍ଷଣ କ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶକ୍ତି ସଂରକ୍ଷଣ ବିଷୟରେ ଶପଥ ପାଠ କରାଯାଇଥିଲା। ପରେ ନିକଟସ୍ଥ ଏକ ଗ୍ରାମକୁ ଏକ ଶୋଭାଯାତ୍ରା ଯାଇଥିଲା। ହେମନ୍ତ ପାତ୍ର ଶକ୍ତି ସଂରକ୍ଷଣ ସ୍ଲୋଗାନ ଦେଇଥିଲେ। ଶିକ୍ଷକ ଜଗଦୀଶ ପଧାନ, ପ୍ରମୋଦ ପାତ୍ର, ମୀନକେତନ ରଣା, କର୍ମଚାରୀ ସିଦ୍ଧେଶ୍ୱର ମେଣ୍ଡିଲି ସହଯୋଗ କରିଥିଲେ।

# ୮୫୬ ମାମଲା ଫଇସଲା, ୫୪.୧୭ଲକ୍ଷ ଜରିମାନା ଆଦାୟ

## ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ।

ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ ଧନୁର୍ଦ୍ଧର ସେନାପତିଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଫେମିଲି କୋର୍ଟ ଜଜ ପ୍ରଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲା ଜଜ ଦିଲ୍ଲିପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିଶ୍ୱ ବିଶ୍ୱତ କର,ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ, ବରିଷ୍ଠ ସିଭିଲ ଜଜ ଗଗନ ସାହୁ, ମହିଳା କୋର୍ଟର ସିଭିଲ ଜଜ ବବିତା ପାତ୍ର, ସୋନପୁର ଏସଡିଜେଏମ୍ ସୁଦେଷ୍ଣା ପଟ୍ଟନାୟକ, ଜେଏମଏଫସି ପ୍ରଣତି ରଥ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ବରିଷ୍ଠ ଆଇନଜୀବୀ ଅଜିତ ନାରାୟଣ ହୋତା, ଶ୍ରୀନିବାସ ଦାଶ, ବ୍ରଜେନ୍ଦ୍ର କୁମାର ବିଶି, ପ୍ରବୋଧ କୁମାର ଦାଶ, ପ୍ରଣତି କୁମ୍ଭାର, ଅବନି ପୂଜାହାରୀ ଓ ମଧୁସୂଦନ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ୍ ରିକୋଭରି, ବିଦ୍ୟୁତ୍ ଜନିତ ମାମଲା ଓ ମୋଟର ଯାନ ଦୁର୍ଘଟଣା ଭଳି ୩୦୦୨ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୨୦୯ଟିର ଫଇସଲା କରାଯାଇ ମୋଟ ୨୩ଲକ୍ଷ ୯୦ହଜାର ୯୩୩ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ, ରଫାଯୋଗ୍ୟ ଓ ଚେକ୍ ବାଉନ୍ସ ଭଳି ୮୯୮ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୬୪୭ଟି ମାମଲାର ଫଇସଲା କରାଯାଇ ୩୦ଲକ୍ଷ ୨୬ହଜାର ୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଲୋକ ଅଦାଲତରେ ସର୍ବମୋଟ ୩୯୦୦ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୮୫୬ଟି ମାମଲାର ଫଇସଲା କରାଯାଇ ୫୪ଲକ୍ଷ ୧୭ହଜାର ୬୩୪ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ବେହେରା, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ କୁମାର ଭୋଇ ସହଯୋଗ କରିଥିଲେ।

# ସୁବଲୟା, ଡାହାଣୀପାଲି ଫାଇନାଲ ମୁକାବିଲା

## ସୋନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି ,୧୩।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀରେ ଏମ. ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ସୋନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ଉଭୟ ପୁଲର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମି ଫାଇନାଲ ସୁବଲୟା ଓ କମିରା ମଧ୍ୟରେ ହୋଇଥିଲା। କମିରା ଦଳ ପ୍ରଥମେ ବ୍ୟାଟିଂ କରି ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ରନ କରିଥିଲା। ଜବାବରେ ସୁବଲୟା ଦଳ ୮.୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୯୩ ରନ ସଂଗ୍ରହ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବଡଖମାର ଓ ଡ଼ାହାଣୀପାଲି ମଧ୍ୟରେ ହୋଇଥିଲା। ଏଥିରେ ଡ଼ାହାଣୀପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୬ଉଇକେଟ ହରାଇ ୧୦୨ରନ କରିଥିଲା। ଜବାବରେ ବଡ଼ଖମାର ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଡ଼ାହାଣୀପାଲି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ରବିବାର ସୁବଲୟା ଓ ଡ଼ାହାଣୀପାଲି ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭୂତିଆପାଲିସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧାପକ ସଞ୍ଜୟ କୁମାର ପାଣିଗ୍ରାହୀ, କ୍ରୀଡ଼ାବିତ ଦୟା ସାଗର ମହାନନ୍ଦ ଅତିଥିଭାବେ ଯୋଗଦେଇ ପ୍ରଥମ ସେମିଫାଇନାଲ ପାଇଁ ସୁବଲୟାର ଶ୍ରୀକାନ୍ତ ନାଏକ ଓ ଦ୍ୱିତୀୟ ସେମିଫାଇନାଲ ପାଇଁ ଡ଼ାହାଣୀପାଲିର ଅର୍ଜୁନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଜିଲାପାଳ ଓ ଏସପି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

## ଦୌଡ଼କୁଦରୁ ଶୁଭାରମ୍ଭ ହେଲା

ସୁବର୍ଣ୍ଣପୁର ସହର ରୟାଲ ପଡିଆରେ ଶନିବାର ଆରମ୍ଭ ହୋଇଛି ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା। ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଦୁଇଦିନିଆ କ୍ରୀଡା ପ୍ରତିଯୋଗିତା ୨୦୨୫କୁ ଜିଲାପାଳ ଡ଼ ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଉଦ୍‌ଘାଟନ କରିଥିଲେ। ସକାଳ ୭ଟା ୩୦ରେ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ଓ କ୍ରୀଡାବିତଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଗାନ୍ଧୀ ଷ୍ଟାଡିୟମରେ ଜିଲା କ୍ରୀଡା ସଂଘ ସଭାପତି ତଥା ଜିଲାପାଳ ଡ. ସାହୁ ଓ ଏସ୍‌ପି ନାୟକ କ୍ରୀଡା ସଂଘର ପତାକା ଉତ୍ତୋଳନ କରି ମଶାଲକୁ ଗାନ୍ଧୀ ପଡିଆରେ ସ୍ଥାପନ କରି ପ୍ରତିଯୋଗିତା ଆରମ୍ଭ ଘୋଷଣା କରିଥିଲେ। ୮୦୦ ମିଟର ଦୌଡରୁ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ଓ ଏସ୍‌ପି ପୁରସ୍କୃତ କରିଥିଲେ। କ୍ରୀଡା ସଂଘ ଉପ ସଭାପତି ଚିତ୍ତରଞ୍ଜନ ତରାସିଆ ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସଂଘ ଉପଦେଷ୍ଟା କଇରୁ ସ୍ୱାଇଁ, ପୌର ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ସଂଘର ବରିଷ୍ଠ ସଦସ୍ୟ ଗଣେଶ ରାମ ମେହେର, ଦିଗମ୍ବର ଶତପଥୀ, ମନୋରଞ୍ଜନ ତ୍ରୀପାଠୀ, ସହ ସମ୍ପାଦକ ନନ୍ଦ କିଶୋର ତ୍ରୀପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ବି.ସତ୍ୟ ନାରାୟଣ ରାଓ,, କମଳାକାନ୍ତ ସାହୁ, କ୍ରୀଡ଼ା ସଂଘ କୋଷାଧ୍ୟକ୍ଷ ସୁବାଷ ବିଶ୍ୱାଳ, କୋଚ କଲିମ ମହମ୍ମଦ ଓ ବିକାଶ ପଣ୍ଡା ଉପସ୍ଥିତ ଥିଲେ। ୧୬ବର୍ଷରୁ କମ୍ ବାଳକ ପୁଟିଂ ସଟରେ ରୋମ୍ୟ ତଣ୍ଡିଆ ପ୍ରଥମ, ୨୦ବର୍ଷରୁ କମ ଡିସକସ ଥ୍ରୋ ବାଳକ ବର୍ଗରେ ସୌମ୍ୟଶିଷ ସର୍ଣ, ୧୪ବର୍ଷରୁ କମ୍ ବାଳକ ବର୍ଗରେ ହର୍ଷିତା ଗିରି ସ୍ୱର୍ଣ୍ଣ, ଡିସକସ ୨୦ବର୍ଷରୁ କମ୍ ବାଳିକା ବର୍ଗରେ ଝୁମା ପ୍ରଥମ, ୧୬ ବର୍ଷରୁ କମ ଡିସକସ ଥ୍ରୋ ବାଳିକାରେ ଖୁସି ବିଜୟୀ ହୋଇଥିଲେ। ୪୦୦ ମିଟର ପୁରୁଷ ବର୍ଗରେ ଦିଲେଶର ବାଘ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରେକର୍ଡ ସଂଖ୍ୟକ ୧୨୭୫ ଜଣ ପ୍ରତିଯୋଗୀ ଏହି ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ମୋଟ ୪୧ଟି ଇଭେଣ୍ଟ ପାଇଁ ଉଭୟ ମହିଳା ଓ ପୁରୁଷ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସେବା ମନୋଭାବ ସୃଷ୍ଟିରେ ଏନ୍‌ଏସ୍‌ଏସ୍‌ର ଭୂମିକା ରହିଛି

ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଯୁଗ୍ମ ଶାଖା ଆନୁକୂଲ୍ୟରେ ନୂତନ ସ୍ୱେଚ୍ଛାସେବୀ ମାନଙ୍କର ଏକ ପ୍ରବେଶ ତଥା ଅଭିମୁଖୀକରଣ ଉତ୍ସବ ଅଧ୍ୟକ୍ଷ ରାଧାକାନ୍ତ ନାଏକଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭା ସଂଯୋଜନା ଦାୟିତ୍ୱ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଧୀରେନ୍ଦ୍ର କୁମାର ମିଶ୍ର ତୁଲାଇଥିଲେ। ମୁଖ୍ୟବକ୍ତାଭାବେ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ପୂର୍ବତନ ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ସୌରଭ ରଞ୍ଜନ ଖମାରୀ ଯୋଗଦେଇ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ସେବା ମନୋବୃତ୍ତି ସୃଷ୍ଟି କରିବାରେ ଏନ୍‌ଏସ୍‌ଏସ୍ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି ବର୍ଣ୍ଣନା କରିଥିଲେ। ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରାଜୁ ଓରାମ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି।

# ପିପିଲିପାଲି ଓଏଭିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶାରୀରିକ କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟ ଅତିଥିଭାବେ, ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ ମହାକୁର ଆନୁଷ୍ଠାନିକ ଭାବେ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ମଶାଲ ଜଳାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ବାଳିକା, ବାଳକ ଓ କନିଷ୍ଠ ବାଳିକା ବାଳକଙ୍କୁ ନେଇ ୧୦୦ମିଟର ଦୌଡ, ୨୦୦ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ୍ ଥ୍ରୋ, ସଟଫୁଟ ଥ୍ରୋ, ଚେସ, କ୍ୟାରମ, ଟେବୁଲ ଟେନିସ ଏହିପରି ୨୩ଟି ବର୍ଗରେ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ବରିଷ୍ଠ ବାଳକ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ଆୟୁଷ ଅଭିଜ୍ଞାନ ଥନାପତି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବାଳିକା ୧୦୦ ମିଟର ଦୌଡରେ ସାଇ ଶ୍ରୀୟା ପଧାନ ପ୍ରଥମ, କନିଷ୍ଠ ବାଳକ ୧୦୦ ମିଟର ଦୌଡରେ ନିହାର ରଞ୍ଜନ ତାଣ୍ଡି, କନିଷ୍ଠ ବାଳିକା ୧୦୦ମିଟର ଦୌଡରେ ଲିଲିମା ମୁଣ୍ଡା, ବରିଷ୍ଠ ବାଳକ ଉଚ୍ଚଡିଆଁରେ ସଙ୍କେତ କ୍ଷେତି, ବରିଷ୍ଠ ବାଳିକା ଉଚ୍ଚଡିଆଁରେ ରୁବି ମଲ୍ଲିକ, କନିଷ୍ଠ ବାଳକ ଉଚ୍ଚଡିଆଁରେ ସଙ୍କଳ୍ପ ସ୍ୱରୂପ, କନିଷ୍ଠ ବାଳିକା ଉଚ୍ଚଡିଆଁରେ ରୁଚିସ୍ମିତା ସେଠୀ, ଶ୍ରୀୟାଶ୍ରୀ ମହଲା ଓ ଶ୍ରଦ୍ଧାଞ୍ଜଳି ସାହୁ ପ୍ରଥମ ହୋଇଥିଲେ। ଲମ୍ଫଡିଆଁ ପ୍ରତିଯୋଗିତା ବରିଷ୍ଠ ବାଳକ ବର୍ଗରେ ସଙ୍କେତ କ୍ଷେତି ଓ ବିଶ୍ୱଜିତ ପଧାନ ପ୍ରଥମ, ବରିଷ୍ଠ ବାଳିକା ବର୍ଗରେ ସାଇ ଶ୍ରୀୟା ପଧାନ, ନିବେଦିତା ନାଏକ ଓ ମନୀଷା ମୁଣ୍ଡା ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ଲମ୍ଫଡିଆଁ ପ୍ରତିଯୋଗିତାରେ ସୁଷମା ଭୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଟଫୁଟରେ ଲିଜା ଅମାତ ବାଳିକା ବର୍ଗରେ ପ୍ରଥମ, ବାଳକ ବିଭାଗରେ ବିଶ୍ୱଜିତ ପଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଇଣ୍ଟର ହାଉସ କ୍ୟାରମ ପ୍ରତିଯୋଗିତାର ବରିଷ୍ଠ ବାଳକ ବର୍ଗରେ ମହାନଦୀ ହାଉସ ସ୍ୱର୍ଣ୍ଣ ଜିତିଥିଲ। ସେହିପରି ବରିଷ୍ଠ ବାଳିକା ବିଭାଗରେ ମହାନଦୀ ହାଉସ ସ୍ୱର୍ଣ୍ଣ ଜିତିଛି। ଜୁନିୟର ବାଳକ କ୍ୟାରମରେ ମହାନଦୀ ହାଉସ ସ୍ୱର୍ଣ୍ଣ ଜିତିଥିବା ବେଳେ ବଂଶଧାରା ହାଉସ ରୌପ୍ୟ ଜିତିଥିଲା। ସେହିପରି ବାଳିକା ବିଭାଗରେ ସୁବର୍ଣ୍ଣରେଖା ସ୍ୱର୍ଣ୍ଣ, ବଂଶଧାରା ହାଉସ ରୌପ୍ୟ ଜିତିଥିଲା। ଏହି ଅବସରରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜ୍ୟୋତି ରଞ୍ଜନ ନନ୍ଦ ମୁଖ୍ୟ ପରିଚାଳକ ଥିବା ବେଳେ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ବିଭିନ୍ନ କ୍ରୀଡାର ପରିଚାଳନା ଦାୟିତ୍ୱରେ ଥିଲେ। ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁସ୍ମିତା ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ନାରାୟଣ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ଓଏଭିର ବାର୍ଷିକ କ୍ରୀଡ଼ା

ବୀରମହାରାଜପୁର,୧୩।୧୨(ଯୁଗଳ କିଶୋର ମିଶ୍ର)



ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରଥପୁରଠାରେ ଥିବା ଓଡ଼ିଆ ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ କ୍ରୀଡ଼ା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କ୍ରିଡ଼ାବିତ୍ ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ ଯୁଗଳ କିଶୋର ମିଶ୍ର, ବିଶିଷ୍ଟ ଅତିଥିଭାବେ ବୀରମହାରାଜପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ ପ୍ରଫୁଲ୍ଲ କୁମାର ରଥ, ବୀରମହାରାଜପୁର ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ତଥା ଭିଏମ ଡିସି ସଦସ୍ୟ ଇନ୍ଦ୍ରଜିତ ପରୁଆ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଜୀବନକୁ ଶୃଙ୍ଖଳିତ କରିଥାଏ। କିନ୍ତୁ ଆଜିକାଲି ମା'ବାପା କେବଳ ପାଠ ପଢ଼ିବାକୁ ପିଲାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଫଳରେ ଅନେକ ସମୟରେ ମାନସିକ ଚାପ ଯୋଗୁ ଛାତ୍ରୀଛାତ୍ରମାନେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ଏହାସହିତ ଛାତ୍ରୀଛାତ୍ରମାନେ ମୋବାଇଲଠାରୁ ଦୂରରେ ରହିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଭ ସଂଯୋଜନା କରିଥିଲେ ଶିକ୍ଷକ ନନ୍ଦି କିଶୋର ସବର। କନିଷ୍ଠ ଓ ବରିଷ୍ଠ ବର୍ଗରେ ରାଜ ପ୍ରିତମ , ବାଳିକା ବର୍ଗରେ ତନୁଶ୍ରୀ ତନ୍ମୟୀ ନାୟକ, କନିଷ୍ଠ ବାଳିକା ବାଳକ ବର୍ଗରେ କୁଳଦୀପ କ୍ରିଷ୍ଣା ନାୟକ ଓ ମୌସୁମୀ ପ୍ରଧାନ ଚାମ୍ପିୟନ ହୋଇଥିଲେ।

## ମେଣ୍ଢୀମାଳ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ୋତ୍ସବ

ବଘିଆପଡା,୧୩।୧୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ମେଣ୍ଢୀମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଖେଳ ଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳଟିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବଘିଆପଡା ମହାଦେବ ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଆଣି ବିଦ୍ୟାଳୟ ଖେଳ ପଡିଆରେ ସ୍ଥାପନ କରିବା ପରେ ଖେଳ ଆରମ୍ଭ ହୋଇଥିଲା। ଏହି ଖେଳ ପ୍ରତିଯୋଗିତାରେ ୪୫ଟି ବିଭାଗରେ ୪୨୫ ଜଣ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଭି. ତାରାସିଶ, ସରୋଜ ମହାକୁଡ଼, ସୁଭାଷିନୀ ସାହୁ, ସନତ ଭୋଇ, ଦେବ କିଶୋର ପଣ୍ଡା, ବଲ୍ଲଭୀ ପ୍ରଧାନ, ସାନିଆ ମହାକୁଡ, ସ୍ମୃତିସ୍ମିତା ପ୍ରଧାନ, ଶିବାନନ୍ଦ ମିଶ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଛନ୍ତି। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଧାରାବିବରଣୀ ଦେଇଥିବା ବେଳେ ଶିକ୍ଷକ ନାରାୟଣ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ କ୍ରୀଡ଼ୋତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ସେବା ମନୋଭାବ ରଖି ଆଗକୁ ବଢ଼

## ଜୁନିୟର ରେଡ଼କ୍ରସ ତାଲିମ ଶିବିର ଉଦ୍‌ଯାପିତ

ସୋନପୁର,୧୩।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଅତିଥିଙ୍କ ଗହଣରେ ପରାମର୍ଶଦାତା ଓ ସାଧନକର୍ମୀ।

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନଠାରେ ତିନି ଦିନ ଧରି ଚାଲିଥିବା ୧୯ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଧର୍ମସିଂ ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସର ସଭାପତି ତଥା ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲାର ଜେଆରସି ସମ୍ପାଦକ ତଥା ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ରେଡକ୍ରସ ଉପସଭାପତି ଗତିକୃଷ୍ଣ ମିଶ୍ର ଶିବିରାର୍ଥୀମାନଙ୍କୁ ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତାକୁ ପାଥେୟ କରି ପାଇଥିବା ତାଲିମକୁ ଜୀବନରେ ଉପଯୋଗେ ପୂର୍ବକ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା, ସୋନପୁର ଓ ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ସୋନପୁର ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ଅଧାପକ ଉଦ୍ଧବ ପ୍ରଧନ, ରାଜ୍ୟ ପୁରସ୍କାରପ୍ରାପ୍ତ ଫାଷ୍ଟ ଏଡର ରାମ ନାରାୟଣ ଦାଶ, ଦୁର୍ଯ୍ୟୋଧନ ପଶାୟତ ଓ ବରଗଡ ଜେଆରସିଓ ହେମନ୍ତ ସାମଲ ଉପସ୍ଥିତ ଥିଲେ। ଏଠାରେ ଆୟୋଜିତ ରକ୍ତଦାନ ଶିବିରରେ ୨୪ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ୪୨୫ଜଣ ଜୁନିୟର ଏବଂ ୧୪୩ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିର ପରିଚାଳନାରେ ବିସିସି ଗୋପେଶ ପଣ୍ଡା, ବିଶ୍ୱନାଥ ପାଣିଗ୍ରାହୀ, ପବିତ୍ର ବାରିକ, ନିମେଇଁ ଚରଣ ମଲ୍ଲିକ, ବିଜୟ ପଣ୍ଡା, ବୈକୁଣ୍ଠନାଥ ନାୟକ, ସାଧନ କର୍ମୀ ଚନ୍ଦ୍ର ଶେଖର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସାଧନକର୍ମୀ ଚନ୍ଦ୍ରମଣୀ ବାଘ ଶିବିର ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

# ବାଇକ୍‌କୁ ଧକ୍କାଦେଲା ଟ୍ରକ୍

- ଅଳ୍ପକେ ବର୍ତ୍ତିଲେ ଚାଳକ
- ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକୋ

**କୁତ୍ରା, ୧୩।୧୨ (ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ଗଡ଼ପୋଷ ଛକରେ ଶନିବାର ଏକ ବାଇକ୍‌କୁ ପଛପଟୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବାଇକ ଚାଳକ ଟ୍ରକ ତଳେ ଫସି ଯାଇଥିବା ବେଳେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘଟଣାରୁ ଜଣାପଡ଼ିଛି ଯେ, ସନ୍ଧ୍ୟା ସାଢ଼େ ୫ଟାରେ କୁତ୍ରା ପଟରୁ ବଡ଼ଗାଁ ଆଡ଼କୁ କୁତ୍ରା ବ୍ଲକ କଟଙ୍ଗଖରିଆ ଗ୍ରାମର ଅମିତ ତିର୍କୀ ନାମକ ଯୁବକ ବାଇକ ଯୋଗେ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରକ (ନଂ. ଓଡି୧୪ଏଏଫ ୪୭୪୫) ଧକ୍କା ଦେଇଥିଲା। ଫଳରେ ଅମିତ ଛିଟିକି ପଡ଼ିବା ସହ ଟ୍ରକ ତଳେ ଫସି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇବା ସହ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରେ କୁତ୍ରା ଥାନା ଅଧିକାରୀ ଲୋକେଶ୍ୱର ସାହୁ, ସବ୍ ଇନ୍ସପେକ୍ଟର ଆଶୁତୋଷ ମହାନ୍ତି ପହଞ୍ଚି ଲୋକଙ୍କ ସହିତ ଆଲୋଚନା ପରେ ଶୀଘ୍ର ଏହି ଛକରେ ସ୍ପିଡ ବ୍ରେକର ଲଗାଇବା ଓ ହାଇମାଷ୍ଟ ଲାଇଟ ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ମହିଳାଙ୍କୁ ଦୁର୍ବ୍ୟବହାର, ଥାନାରେ ଅଭିଯୋଗ

**ବଡ଼ଗାଁ, ୧୩।୧୨ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମର ଜଣେ ମହିଳାଙ୍କୁ ଶୁକ୍ରବାର ରାତିରେ ୩ଜଣ ବଙ୍ଗାଳୀ ମିସ୍ତ୍ରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ତାଙ୍କ ସ୍ୱାମୀ ବିରୋଧ କରିବାରୁ ସେମାନେ ତାଙ୍କୁ ମଧ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଆଇଆଇସି ବାଲୁଙ୍କେଶ୍ୱର ନାଏକ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ନିର୍ମାଣ କାମରେ ୩ଜଣ ବଙ୍ଗାଳୀ ମିସ୍ତ୍ରୀ ନିୟୋଜିତ ହୋଇଛନ୍ତି। ଶୁକ୍ରବାର ରାତି ୮ଟାରେ ଜଣେ ମହିଳାଙ୍କୁ ସେମନେ ମୋବାଇଲ ନମ୍ବର ମାଗିଥିଲେ। ଅଚିହ୍ନା ବ୍ୟକ୍ତି ହୋଇଥିବାରୁ ମହିଳା ଜଣକ ନମ୍ବର ଦେଇ ନ ଥିଲେ। ଏଥିରେ କ୍ରୋଧିତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଘଟଣା ସମ୍ପର୍କରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ କହିବାରୁ ସେ ମିସ୍ତ୍ରୀ ମାନଙ୍କୁ କାହିଁକି ମୋବାଇଲ ନମ୍ବର ମାଗୁଥିଲ ବୋଲି ପଚାରି ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଦୁଇ ବଙ୍ଗାଳୀ ମିସ୍ତ୍ରୀ ତାଙ୍କ ହାତକୁ ଧରିଥିବାବେଳେ ଅନ୍ୟ ଜଣେ ମୁଥ ମାରି ରକ୍ତାକ୍ତ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ୨ବର୍ଷ ପୂର୍ବେ ଜଣେ ବଙ୍ଗାଳୀ ମିସ୍ତ୍ରୀ ଅଞ୍ଚଳର ଜଣେ ମହିଳାଙ୍କୁ କୋଲକାତା ନେଇଯାଇଥିଲେ। ଏସପିଙ୍କଠାରେ ଅଭିଯୋଗ ପରେ ପୋଲିସ ଉଦ୍ଧାର କରିଥିଲା।




କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ,ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ଡା.ଶୁଭଙ୍କର ମହାପାତ୍ର ଓ ଅନ୍ୟ ଅତିଥି ମାନେ ଉଦଘାଟନ କରୁଛନ୍ତି।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

## ଭାଗ ନେଲେ ୩ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ସୁନ୍ଦରଗଡ଼, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ରେ ଶନିବାର ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଏହି ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁଭଦ୍ରା ପ୍ରଧାନ, କ୍ରୀଡ଼ାବିତ ପ୍ରତୀକ ମହାରଣା ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଡା. ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ, ଏହି କ୍ରୀଡ଼ା ମହୋତ୍ସବ ଆୟୋଜନ କରାଯାଇ ତୃଣମୂଳ ସ୍ତରରୁ ବିଭିନ୍ନ ବର୍ଗରେ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଚୟନ କରାଯାଇଛି। ଏହି କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ଓଲିମ୍ପିକ୍ସରେ ଅଂଶ ଗ୍ରହଣ କରିବେ ବୋଲି ସେ ଦୃଢ଼ ଆଶା ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଏମ୍‌ପି ଓରାମ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ, ସୁନ୍ଦରଗଡ଼ ଜିଲା ହେଉଛି କ୍ରୀଡାର ଏକ ବୃହତ୍ କ୍ଷେତ୍ର। ଏହି ମାଟିରେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡାବିତ ସୃଷ୍ଟି ହୋଇଛନ୍ତି। ଏହିସାଂସଦ ଖେଳ ମହୋତ୍ସବ ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭାଙ୍କ ଅନ୍ୱେଷଣ କରାଯାଇଛି। ଏହି କ୍ରୀଡ଼ାବିତ୍‌ମାନେ ଭବିଷ୍ୟତରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହିତ ଦେଶ ପାଇଁ ମେଡାଲ ମଧ୍ୟ ଅର୍ଜନ କରିବେ। ସାଂସଦ ଖେଳ ମହୋତ୍ସବ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ନିମନ୍ତେ ୧୫ଟି ବର୍ଗରେ ସମଗ୍ର ସୁନ୍ଦରଗଡ ଲୋକ ସଭା କ୍ଷେତ୍ରର ୭ଟି, ବିଧାନସଭା କ୍ଷେତ୍ରରୁ ପ୍ରାୟ ୩୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ଗ୍ରାମପଞ୍ଚାୟତ ସ୍ତର, ବ୍ଲକ ସ୍ତର ଦେଇ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗିତାକୁ ପହଞ୍ଚିଛନ୍ତି। ଏହି ଅବସରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ସ୍ଥାନୀୟ ସମଲେଇ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଭବାନିପୁର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡିଆଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଜିଲା ଭାଜପା ସଭାପତି ଗିରୀଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ରାଉରକେଲା ଜିଲା ସଭାପତି ପୂର୍ଣ୍ଣିମା କେରକେଟା, ଓଡ଼ିଶା ତୀରନ୍ଦାଜ ସଂଘର ଉପ ସଭାପତି ତଥା ସାଂସଦ ଖେଳ ମହୋତ୍ସବ ଜିଲା ସଂଯୋଜକ ବଟକିଶୋର ମିଶ୍ର, ସହ ସଂଯୋଜକ ଅଭୟ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ, ଅନ୍ୟାନ୍ୟ ଅତିଥି, କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ, କୋଚ, ରେଫରୀ, ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ତଥା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶେଷଦେବ ନନ୍ଦ ଏବଂ ପ୍ରିୟଙ୍କା ଜେନା ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଭାରତ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଯାପିତ

**କୁତ୍ରା, ୧୩।୧୨ (ଦେବାଶିଷ ସାହୁ)**

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ସୁନ୍ଦରଗଡ଼ ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ବୋରି ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ବଡ଼ଗାଁ କଲେଜ ଅଧ୍ୟକ୍ଷ ହେମନ୍ତ ପଣ୍ଡା ଯୋଗଦେଇ ସେବା ମନୋଭାବ ରଖି ସଦା ପ୍ରସ୍ତୁତ ରୁହ ବୋଲି ଉପସ୍ଥିତ ସ୍କାଉଟ୍ସ ଓ ଗାଇଡ୍ସଙ୍କୁ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଅଜୟ କୁମାର ପ୍ରଧାନ, କୁତ୍ରା ବିଇଓ ଅନନ୍ତ ନାଏକ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ସ୍କାଉଟ୍ସ ଯୁଗ୍ମ ସମ୍ପାଦକ ଦୁବରାଜ ଗୋଖରା, ଡିଁସି ସ୍କାଉଟ୍ସ ଜନସନ ଖାଖା, ଡିଓସି ସ୍କାଉଟ୍ସ ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଡିଁସି ଗାଇଡ୍ସ ଖିଲେନ୍ଦ୍ରି ପଟେଲ, ଡିଓସି ଗାଇଡ୍ସ ଦୀପିକା କେର୍କେଟା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସ୍କାଉଟ୍ସ ଓ ଗାଇଡ୍ସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଜିଲା ସ୍କାଉଟ୍ସ କମିଶନର ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ। ପରେ ଗ୍ରାଣ୍ଡ କ୍ୟାମ୍ପଫାୟାର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶାରୀରିକ କଳା କୌଶଳ ପରିବେଷଣ କରାଯାଇଥିଲା। ସକାଳୁ ସର୍ବଧର୍ମ ପ୍ରାର୍ଥନା ସହ କ୍ୟାମ୍ବୋରିର ସମାପ୍ତି ଘଟିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତିସ୍ୱରୂପ ଦାସ, ରୋହିତ ଜୟପୁରିଆ, ସୁଦାମ ମହାନନ୍ଦ, ସୁରଜିତସୁରସେନ ଟପ୍ପୋ, ଭୈରବ ଦେହେରୀ, ଦିଲୀପ ବେହେରା, ଜାନକୀ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ

**କର୍ଲାମୁଣ୍ଡା, ୧୩।୧୨ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରେ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ମୃତଦେହ ୯୬ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ମ.ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ଜଣଙ୍କ ଦେବରାଜ ମାଝୀ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, କର୍ଲାମୁଣ୍ଡା ବ୍ଲକ ଶିରାବାହାଲ ଗ୍ରାମରେ ଦେବରାଜ ମାଝୀ ନାମକ ଏହି ବ୍ୟକ୍ତି ପ୍ରାୟ ୩ ମାସ ହେଲାଣି ଭିକ୍ଷାବୃତ୍ତି କରି ଚଳୁଥିଲେ। ସେ ଗ୍ରାମର ଗୋଲାପ କୁମାରଙ୍କ ଘରେ ଆଶ୍ରୟ ନେଉଥିଲେ। ଦେବରାଜଙ୍କ ଉଚ୍ଚ ରକ୍ତଚାପ ବୃଦ୍ଧି ଓ ପାରାଲିସିସ ରୋଗ ହେବାରୁ ଆଶ୍ରୟଦାତା ଗୋଲାପ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଘରକୁ ଆଣିଥିଲେ। ଗତ କିଛି ଦିନ ତଳେ ତାଙ୍କର ସ୍ୱାସ୍ଥ୍ୟ ପୁଣି ଖରାପ ହେବାରୁ ସ୍ଥାନୀୟ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦେବରାଜଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଗୋଲାପ କୁମାର ରିଷିଡା ଫାଣ୍ଡିରେ ଏକ ଲିଖିତ ଦରଖାସ୍ତ ଦେଇଥିଲେ। ଶନିବାର ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା ଭବାନୀପାଟଣା ଡାକ୍ତରଖାନାକୁ ଯାଇ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛନ୍ତି।

# ମଣ୍ଡି ଜଗୁଆଳିଙ୍କ ଆକସ୍ମିକ ମୃତ୍ୟୁ

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନିପୁର ମଣ୍ଡିରେ କାର୍ଯ୍ୟ କରୁଥିବା ଜଣେ ଜଗୁଆଳିଙ୍କ ଶୁକ୍ରବାର ଆକସ୍ମିକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାମ ବନ ଶବର (୭୫) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବନ ବୁଧବାର ରାତିରେ ମଣ୍ଡିରେ ଜଗିବା ପାଇଁ ଯାଇଥିଲେ। ଘରୁ ବାହାରିବା ବେଳେ ସେ ଭଲ ଥିଲେ। ତା'ପର ଦିନ ଅର୍ଥାତ ଗୁରୁବାର ସକାଳୁ ସ୍ଥାନୀୟ ଜଣେ ଲୋକ ତାଙ୍କ ପରିବାରକୁ ବନଙ୍କ ଅବସ୍ଥା ଦେଖି ଖବର ଦେଇଥିଲେ। ଏହାପରେ ତାଙ୍କ ନାତି ଯାଇ ସେଠାକୁ ଦେଖିଲା ବେଳକୁ ବନଙ୍କ ଚେତା ନ ଥିଲା, ପାଟିରୁ ଫେଣ ବାହାରୁଥିଲା। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଇବ ନଦୀରେ ଭାସିଗଲେ ଏନ୍‌ଆଇଟି ଛାତ୍ର

**ସୁନ୍ଦରଗଡ, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି)**

## କନାକୁଣ୍ଡ ଘାଟରେ ପୁଣି ଅଘଟଣ

ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ଇବ ନଦୀର କନାକୁଣ୍ଡ ଘାଟରେ ଶନିବାର ଅପରାହ୍ନରେ ଘଟିଛି ପୁଣି ଏକ ଅଘଟଣ। କନାକୁଣ୍ଡ ଘାଟକୁ ବୁଲିବାକୁ ଆସିଥିବା ରାଉରକେଲା ଏନଆଇଟିର ଜଣେ ଛାତ୍ର ଇବ ନଦୀର ଜଳ ସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି। ତାଙ୍କ ନାମ ଦୀପେଶ ପ୍ରଧାନ (୨୬)। ଘର ସମ୍ବଲପୁରରେ ବୋଲି ଜଣାପଡିଛି। ସେ ତାଙ୍କ ଅନ୍ୟ ୪ଜଣ ସାଙ୍ଗଙ୍କ ସହିତ ଏଠାକୁ ବୁଲିବାକୁ ଆସିଥିଲେ। ଏଠାରେ ସେମାନେ ଗାଧୋଇବା ସମୟରେ ଅପରାହ୍ନ ପ୍ରାୟସାଢେ ୩ଟା ସମୟରେ ଦୀପେଶ ହଠାତ ପାଣି ଭିତରେ ନିଖୋଜ ହୋଇଯାଇଥିଲେ। ଅନ୍ୟ ସାଙ୍ଗ ମାନେ ତାଙ୍କୁ ପାଇ ନ ଥିଲେ। ଖବର ପାଇ ଅଗ୍ନିବାହିନୀ ଓ ତଳସରା ଥାନା ପୋଲିସ ନିଖୋଜ ଦିପେଶଙ୍କୁ ଖୋଜାଖୋଜି ଚଳାଇଥିଲେ ମଧ୍ୟ ରିପୋର୍ଟ ଲେଖା ପର୍ଯ୍ୟନ୍ତ ତାଙ୍କର କୌଣସି ସୂଚନା ମିଳି ପାରି ନାହିଁ।

# ବସ୍‌କୁ ଧକ୍କାଦେଲା ହାଇୱା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଦୁର୍ଘଟଣାସ୍ଥଳରେ ଲୋକମାନେ।

**କୁତ୍ରା, ୧୩।୧୨ (ଦେବାଶିଷ ସାହୁ)**

କୁତ୍ରା ବିଜୁ ଏକ୍ସପ୍ରେସୱେ ଉପରେ ଶନିବାର ଏକ ଘରୋଇ ଯାତ୍ରୀବାହୀ ବସ୍ ପଛପଟୁ ଏକ ମାଲବୋଝେଇ ହାଇୱା ଧକ୍କା ଦେଇଥିଲା। ଫଳରେ ବସରେ ଥିବା କେତେଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ତେବେ କେହି ଗୁରୁତର ଆହତ ହୋଇନାହାନ୍ତି। ପରେ କୁତ୍ରା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଥାନାକୁ ନେଇ ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁଯାୟୀ, 'ଫରଦିନ' ନାମକ ଘରୋଇ ବସ ଓଡି ୧୬ ବି ୩୭୮୬ ଯାତ୍ରୀ ନେଇ ରାଉରକେଲାରୁ କୁତ୍ରା ଆସୁଥିଲା। କୁତ୍ରା ବିଜୁ ଏକ୍ସପ୍ରେସୱେ ଉପରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ମାଲବୋଝେଇ ହାଇୱା ଓଡି ୧୬ ସି ୭୮୨୮ ବସର ବାମପଟକୁ ଜୋରଦାର ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ ଭିତରେ ଥିବା ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ ମଧ୍ୟ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ବରିଷ୍ଠ ନାଗରିକ ସଂଘର ନବନିର୍ବାଚିତ ପଦାଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

**ସୁନ୍ଦରଗଡ, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ର ବୀରମିତ୍ର ଉଦ୍ୟାନ ସଂଲଗ୍ନ ବରିଷ୍ଠ ନାଗରିକ ସଂଘ ପରିସରରେ ସଂଘର ବାର୍ଷିକ ଉତ୍ସବ ଅବସରରେ ଶୁକ୍ରବାର ନବନିର୍ବାଚିତ ପଦାଧିକାରୀଙ୍କ ପଦଦାୟିତ୍ୱ ଗ୍ରହଣ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସଂଘର ନିର୍ବାଚନ ଅଧିକାରୀ ଡ. ସରୋଜ କୁମାର ପଟେଲ ପରିଚାଳନା କରି ନବନିର୍ବାଚିତ ଅଧିକାରୀଙ୍କୁ ଶପଥପାଠ କରାଇଥିଲେ। ନିର୍ବାଚିତ ସଭାପତି ଦିଲିପ କୁମାର ପଟେଲ, ସମ୍ପାଦକ ସୁବାସ ନାୟକ, ସହ ସମ୍ପାଦକ ଅରୁଣ କୁମାର ପୃଷ୍ଠେଠ, କୋଷାଧ୍ୟକ୍ଷ ମଥୁରା ବିହାରୀ ପଣ୍ଡା, ଲେଖା ପରୀକ୍ଷକ ଶାନ୍ତନୁ ମହାପାତ୍ର ତଥା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ଭବାନୀ ଠାକୁର, ହରିବନ୍ଧୁ ଠାକୁର, ଗୋକୁଳାନନ୍ଦ ପଟେଲ, ରାମଗୋପାଳ ସାହୁ, ରବିନାରାୟଣ ପଣ୍ଡା, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଲିଙ୍ଗରାଜ ପଟେଲ, ଦେବେନ୍ଦ୍ରନାଥ ସିଂ ପ୍ରମୁଖ ନିଜ ନିଜ ପଦ ପାଇଁ ଶପଥପାଠ କରିଥିଲେ। ସଭାପତି ଦିଲୀପ କୁମାର ପଟେଲ ତାଙ୍କର ଆଭିମୁଖ୍ୟ ବର୍ଣ୍ଣନା ପୂର୍ବକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାଧାରଣ ସଭାରେ ସଂଘର ଉନ୍ନତି ପାଇଁ ସମସ୍ତ ସଭ୍ୟ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପୁରାତନ ପରିଚାଳନା କମିଟିର କାର୍ଯ୍ୟକାଳ ସମାପ୍ତ ଘୋଷଣା ପରେ ନୂତନ ପରିଷଦ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ଖାଦ୍ୟ ଉତ୍ସବ ଆୟୋଜିତ

**ବଡ଼ଗାଁ, ୧୩।୧୨ (ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରୁନଗାଁ ପଞ୍ଚାୟତ କରୁଆବାହାଲ ଗ୍ରାମରେ ଆକର୍ଷଣୀୟ ଖାଦ୍ୟ ଉତ୍ସବ ସହିତ ପୋଷଣ ଓ ଔଷଧୀୟ ମୂଲ୍ୟ ଉପରେ ସାମାଜିକ ସେବା ସଦନ ପକ୍ଷରୁ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମର ଗ୍ରାମବାସୀ ଓ ଅଞ୍ଚଳର ଚାଷୀ ସଦସ୍ୟ ଯୋଗଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ନାନା ପ୍ରକାର 'ପରମ୍ପରାଗତ ପୌଷ୍ଟିକ ଖାଦ୍ୟ ପଦାର୍ଥ। ଔଷଧୀୟ ଉଦ୍ଭିଦ ଓ ପାରମ୍ପରିକ ବ୍ୟବହୃତ ଉପକରଣ'ଗୁଡ଼ିକୁ ଷ୍ଟଲରେ ପ୍ରଦର୍ଶିତ କରାଯାଇଥିଲା। ସ୍ୱାଭାବିକ ଖାଦ୍ୟର ଗୁଣ, ପୋଷକତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଏବଂ ଔଷଧୀୟ ଉପଯୋଗ ସମ୍ପର୍କରେ ସରଳ ତଥ୍ୟକୁ ନେଇ ଆଲୋଚନା ହୋଇଥଲା। କାର୍ଯ୍ୟକ୍ରମରେ ବକ୍ତାମାନେ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ, ପରମ୍ପରାଗତ ଭେଷଜ ଜ୍ଞାନ, ସୁସ୍ଥ ଭୋଜନ ଓ ସୁସ୍ଥ ଜୀବନଶୈଳୀ ବିଷୟରେ ବୁଝାଇଥିଲେ। ଉତ୍ସବରେ ଆକର୍ଷଣୀୟ ନୃତ୍ୟ ହୋଇଥିଲା। ଶେଷରେ ଯୋଗଦେଇଥିବା ଗ୍ରାମଗୁଡ଼ିକୁ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ କୃଷି ଅଧିକାରୀ ନରେଶ ମହାନନ୍ଦ, କୃଷି ବୈଜ୍ଞାନିକ ଅଶିଷ କୁମାର ମହାନ୍ତି, ଏଡିଏସ୍‌ଓ ଧୁମା ହେମ୍ବ୍ରମ, ବଡ଼ଗାଁ ରେଞ୍ଜର ପ୍ରଦୀପ କୁମାର ଭୁଟିଆ, କୃଷି ଅଧିକାରୀ ରିତୁ ରାଣୀ କାଲୋ, ସାମାଜିକ ସେବା ସଦନର ପରେଶ ଭଞ୍ଜ, ସିଡିପିଓ ସୁଜାତା ବେଗ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ କୁମାର ପାତ୍ର, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ଅତିରିକ୍ତ ମଙ୍ଗଳ ଅଧିକାରୀ ବିବେକାନନ୍ଦ ପାତ୍ର, ସ୍ଥାନୀୟ ସରପଞ୍ଚ ଆଶିସାନ କେରକେଟା ଓ ବରଗାଁକଛାର ସରପଞ୍ଚ ରାଜେଶ୍ୱରୀ କାଲୋ ଯୋଗଦେଇଥିଲେ। ସାମାଜିକ ସେବା ସଦନର ସମ୍ପାଦକ ବେରୋନିକା ଡୁଙ୍ଗଡୁଙ୍ଗଙ୍କ ସହିତ ଆୟୋଜକ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା।



ଅତିଥି ପ୍ରଶଂସାପତ୍ର ଦେଉଛନ୍ତି।

# ୧୨ତମ ଜିଲା ଆଥଲେଟିକ ମିଟ ଉଦ୍‌ଘାଟିତ

**ସୁନ୍ଦରଗଡ, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି)**

ଜିଲା କ୍ରିଡା ସଂସଦ ଆନୁକୂଲ୍ୟରେ ସଂସଦର ଷ୍ଟାଡିୟମରେ ଶନିବାର ୧୨ତମ ଜିଲା ଆଥଲେଟିକ ମିଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଓ ଦେବାଶିଷ କବି ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଆଥଲେଟିକ ମିଟରେ ସମଗ୍ର ଜିଲାରୁ ମୋଟ ୨୬୫ଜଣ ଭାଗ ନେଇଛନ୍ତି। ପ୍ରାରମ୍ଭରେ ଖେଳାଳିମାନେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଡ୍ରମ ବ୍ୟାଣ୍ଡ ବାଜାର ତାଳେ ତାଳେ ହୋଇଥିବା ମାର୍ଚ୍ଚପାଷ୍ଟ ବେଶ ଚିତାକର୍ଷକ ଥିଲା। ବିଭିନ୍ନ ଦୌଡକୁଦ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସମଲେଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆସି ଷ୍ଟାଡିୟମରେ ପହଞ୍ଚିଥିଲା। ଉଦଘାଟନୀ ଉତ୍ସବରେ ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଅଧ୍ୟକ୍ଷତା କରିଥିଲେ। କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ମିଟକୁ ଅଫିସିଆଲ ଭାବରେ ପ୍ରସନ୍ନ ଠାକୁର, ଶଶୀକାନ୍ତ ସେଠୀ,ସନତ ପ୍ରଧାନ, ମନୋଜ ଲାକ୍ରା,ସନ୍ତୋଷ ମହନ୍ତ, ଚିନ୍ତାମଣି ବନଛୁର, ସନ୍ତୋଷ ଲାକ୍ରା,ବିବେକ ବାଗ,ରାହୁଲ କିଶାନ, ପ୍ରିୟାନଂଶୁ ବାଗ, ଉଛବ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଜିଲା କ୍ରିଡା ସଂସଦର ଉପସଭାପତି ମେରିଜନ ବାଗେ, ଜୟଦେବ ପାତ୍ର, ଅଜୟ ବହିଦାର, ପ୍ରଶାନ୍ତ ପଟେଲ, ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ଶ୍ୟାମ ନନ୍ଦନ ସହାୟ, ଶିଶିର ପଟେଲ, ଜଗମୋହନ ରାଉତ, ସୁଶୀଲ ପଟେଲ, ପ୍ରସାଦ ନାଏକ ପ୍ରମୁଖ ସଭ୍ୟଙ୍କ ତତ୍ତ୍ୱାବଧାନରେ ଆଥଲେଟିକ ମିଟ ପରିଚାଳିତ ହେଉଅଛି। ରବିବାର ଅନ୍ୟ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ଭୋଳ ସୂଚନା ଦେଇଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା।

## ସଂକ୍ଷେପରେ

### ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଡିଆବାହାଲ,୧୩।୧୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତରେ ଥିବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଡିଆବାହାଲ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଲୋକନାଥ ପ୍ରଧାନ ମୁଖ୍ୟଅତିଥି, ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ଡାକ୍ତର ରାଜାରାମ ଷଡ଼ଙ୍ଗୀ ଓ ସ୍କୁଲର ପରିଚାଳନା କମିଟି ସଭାପତି ମନୋରଞ୍ଜନ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସର କେବଳ ଶିକ୍ଷାର ମାଧ୍ୟମ ନୁହେଁ ବରଂ ଶିଶୁକୁ ସୁସ୍ଥ ଓ ସମୃଦ୍ଧଶୀଳଭାବେ ଗଢି ପ୍ରତିଭା ଅନ୍ୱେଷଣ ଦ୍ୱାରା ବିକାଶର ବାଟ ଫିଟିବାର ମୁଖ୍ୟ ଦ୍ୱାର ବୋଲି ଅତିଥିମାନେ କହିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ଜୟରାମ ଖମାରୀ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ସଭାକୁ ଶିକ୍ଷକ ମହେନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ପଲ୍ଲବୀ ବାଗଙ୍କ ସଂଯୋଜନାରେ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ

ସମ୍ବଲପୁର,୧୩।୧୨(ବି.ଶଙ୍କର)

ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ହୀରକ ଜୟନ୍ତୀ ସମାରୋହ ଶୁକ୍ରବାର ରାତି ୯ଟାରେ ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ କ୍ୟାମ୍ପସରେ ପାଳିତ ହୋଇଛି। ବିଦ୍ୟାଳୟ ପ୍ରାଚାର୍ଯ୍ୟ ରଣରଞ୍ଜୟ ସିଂହ ଏଥିରେ ସଭାପତିତ୍ୱ କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ । ଉତ୍ସବରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ସମ୍ବଲପୁର ମ୍ୟୁନିସିପାଲିଟି କର୍ପୋରେଶନ କମିଶନର ରେହାନ ଖେତ୍ରି ସମ୍ମାନୀତ ଅତିଥି ଏବଂ କେନ୍ଦ୍ରିୟ ବିଦ୍ୟାଳୟର ସଙ୍ଗଠନର ପୂର୍ବତନ ସହାୟକ କମିଶନର ମୁରଲୀଧର ସାହୁ ବକ୍ତାଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଚକ୍ରଧର ଦେହୁରୀ ଏବଂ ପିଜିଟି ଇଂଲିଶ ଶିକ୍ଷକ ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କମଳ ଲୋଚନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆନ୍ତଃ ପ୍ରାଥମିକ ବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

ସମ୍ବଲପୁର,୧୩।୧୨(ଭବାନୀ ଶଙ୍କର ଭୋଇ)

ଜିଲା ବର୍ଷିଆନ କ୍ରୀଡା ସଂଘ ଆନୁକୂଲ୍ୟରେ ସିଂହପାଲି କାଇଁଶିର ଖେଳପଡିଆରେ ଶନିବାର ଉମେଶ ଚନ୍ଦ୍ର ପ୍ରଧାନ ସ୍ମାରକୀ ଆନ୍ତଃ ପ୍ରାଥମିକ ବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୯ଟି ଉଚ୍ଚ ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟର ୮୫ଜଣ ଛାତ୍ର ଏବଂ ୮୩ ଛାତ୍ରୀ ଯୋଗଦେଇଥିଲେ । ସିଂହପାଲି କିସାନ କ୍ଲବ ଉପସଭାପତି ରାମ ବାବୁ ଏବଂ ପ୍ରଫୁଲ ପଣ୍ଡା ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ୧୦୦ମିଟର ବାଳକ ବର୍ଗରେ ବୁଢାରଜା ସରକାରୀ ବିଦ୍ୟାଳୟର ଆୟୁଶ ପ୍ରଧାନ ଏବଂ ବାଳିକା ବର୍ଗରେ ବିକାଶ ସ୍କୁଲର କିଶୋରୀ ଭୋଇ, ୨୦୦ ମିଟର ବାଳକ ବର୍ଗ ଦୌଡରେ ଦିଲି ପବ୍ଲିକ ସ୍କୁଲର ବିଜୟ କିଶାନ, ସିନ୍ଦୁରପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ନିମିତା ପାତ୍ର କୃତିତ୍ୱ ହାସଲ କରିଥିଲେ। ସେହିପରି ୬୦୦ ମିଟର ଦୌଡରେ ଦିଲ୍ଲୀ ପବ୍ଲିକ ସ୍କୁଲର ବିଜୟ କିଶାନ, ବାଳିକା ବର୍ଗରେ ଫୁଲତୋଲି ମୁଣ୍ଡା, ଡିସକସ ଥ୍ରୋରେ ବୁର୍ଲା ସରକାରୀ ବିଦ୍ୟାଳୟ ବାଳକ ବର୍ଗରେ ବୀରେନ୍ଦ୍ର ଶାହା, ବୁଢାରଜା ସରକାରୀ ବିଦ୍ୟାଳୟର ବାଳିକା ବର୍ଗରେ ରେନୀ କର, ଲମ୍ବଡିଆଁର ବାଳକ ବର୍ଗରେ ଧନକଉଡା ସରକାରୀ ବିଦ୍ୟାଳୟର ମହମ୍ମଦ ସାହିଲ, ବାଳିକା ବର୍ଗରେ ଦିଲ୍ଲୀ ପବ୍ଲିକ ସ୍କୁଲର ଜସିଲା ସାହୁ, ଉଚ୍ଚଡିଆଁ ବାଳକ ବର୍ଗରେ ବିକାଶ ସ୍କୁଲର ଅମନଦୀପ ଲାକଡା ଏବଂ ବାଳିକା ବର୍ଗରେ ବୁଢାରଜା ସରକାରୀ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ସାହୁ ସଫଳତା ହାସଲ କରିଥିଲେ। ବାଳକ ବର୍ଗରେ ଶାସନସ୍ଥିତ ବିକାଶ ସ୍କୁଲ ଦଳଗତ ଚାମ୍ପିୟନ ହୋଇଥିଲେ। ବାଳିକା ବର୍ଗରେ ବୁଢାରଜା ସରକାରୀ ବିଦ୍ୟାଳୟ ଦଳଗତ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ବୟୋଜ୍ୟେଷ୍ଠ ସଭ୍ୟ ରୁଦ୍ରଦେବ ପ୍ରଧାନ, ସନ୍ତୋଷ ବିଶ୍ୱାଲଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା।

# ବିନାଶକୁ ରୋକିବ ଆଧାତ୍ମିକ ଜ୍ଞାନ: ଗଜପତି ମହାରାଜ

ସମ୍ବଲପୁର,୧୩।୧୨(ପ୍ରମୋଦ ବହିଦାର)

ବିନାଶକୁ ରୋକିବାରେ ଆଧାତ୍ମିକ ଜ୍ଞାନ ହିଁ ଶ୍ରେଷ୍ଠ ମାର୍ଗ। ଆଧାତ୍ମିକ ଜ୍ଞାନ ଲୁପ୍ତ ହେଲେ, ଆସୁରିକ ପ୍ରବୃତ୍ତିର ଦୌରାତ୍ମ୍ୟ ବୃଦ୍ଧି ପାଇ ବିନାଶର କାରଣ ସାଜିବ। ବିଶ୍ୱରେ ଯୁଦ୍ଧ ହେଉଥିବା ସ୍ଥାନରେ ଆଧାତ୍ମିକ ଜ୍ଞାନ ଅଭାବ ଥିବା ନିଶ୍ଚିତ। ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ ସମ୍ବଲପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଆୟୋଜିତ ତ୍ରିଦିବସୀୟ ଆଧାତ୍ମିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ) ପ୍ରେକ୍ଷାଳୟରେ ଶନିବାର ଅପରାହ୍ନରେ ଓଡିଶା ଦିବ୍ୟ ଜୀବନ ସଂଘ, ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ସମ୍ମିଳନୀକୁ ମୁଖ୍ୟଅତିଥି ଗଜପତି ମହାରାଜ, ଋଷିକେଶସ୍ଥିତ ଦିବ୍ୟଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟ ଉପସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ।

ନିର୍ଲିପ୍ତାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଆଧାତ୍ମିକ ସମ୍ମିଳନୀ ଆବାହକ ଡ. ମୀନକେତନ ପାଠୀ ସ୍ୱାଗତ ଅଭିଭାଷଣ ସହିତ ସାଧୁସନ୍ଥ, ବିଶିଷ୍ଟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଗଜପତି ମହାରାଜଙ୍କ ସହିତ ଅନ୍ୟ ଅତିଥିମାନେ ସମ୍ମିଳନୀର ସ୍ମରଣିକା ‘ଜ୍ଞାନଦୀପ’ ଓ ଅନ୍ୟ କେତେକ ଆଧାତ୍ମିକ ପୁସ୍ତକ ଉନ୍ମୋଚନ କରିଥିଲେ। ପରେ ଦିବ୍ୟ ଜୀବନ ସଂଘ ଅନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଋଷିକେଶର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀ, ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଏବଂ ସ୍ୱାମୀ ତନିଷ୍ଠାନନ୍ଦ ସରସ୍ୱତୀଙ୍କ ଆଶୀର୍ବଚନ ପ୍ରଦାନ କରିଥିଲେ। ଶେଷରେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଆଶୀର୍ବଚନ ଓ ଶାନ୍ତିପାଠ କରିଥିଲେ। ଆଧାତ୍ମିକ ସମ୍ମିଳନୀର ଦ୍ୱିତୀୟ ଦିବସ ୧୪ତାରିଖ ପୂର୍ବାହ୍ନ ଅଧିବେଶନରେ ଗଜପତି ମହାରାଜ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୪ ଓ ୧୫ ତାରିଖ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓ ଶିବିରାର୍ଥୀଙ୍କ ନିମନ୍ତେ ଏକ ଯୋଗ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ଶେଷ ଦିବସ ୧୫ ତାରିଖ ସକାଳେ ଭକ୍ତମାନଙ୍କୁ ମନ୍ତ୍ର ଦୀକ୍ଷା ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।


ଦିବ୍ୟ ଜୀବନ ଆଧାତ୍ମିକ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଗଜପତି ମହାରାଜ ଦିବ୍ୟ ସିଂହଦେବ ମା’ ସମଲେଇଙ୍କ ପୂଜାର୍ଚ୍ଚନା କରୁଛନ୍ତି।

**ଦିବ୍ୟଜୀବନ ସଂଘ ଆଧାତ୍ମିକ ସମ୍ମିଳନୀ ଉଦ୍‌ଘାଟିତ**

# ଆୟୁଷ ଛାତ୍ର ଆନ୍ଦୋଳନ ସ୍ଥଗିତ

ସମ୍ବଲପୁର,୧୩।୧୨(ପ୍ରମୋଦ ବହିଦାର)

**୩ ମାସ ମଧ୍ୟ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ: ସଭାପତି**

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଗତ ନଭେମ୍ବର ୬ରୁ ୮ ଦଫା ଦାବିରେ ଚାଲିଥିବା ଆୟୁଷ ଡାକ୍ତରୀ ଛାତ୍ରଙ୍କ ଆନ୍ଦୋଳନ ଶନିବାରଠାରୁ ସ୍ଥଗିତ ହୋଇଛି। ନିଖିଳ ଓଡିଶା ଆୟୁଷ ଛାତ୍ର ସଂସଦର ଉକ୍ତ ନିଷ୍ପତ୍ତିକ୍ରମେ ସମ୍ବଲପୁର ସରକାରୀ ହୋମିଓପାଥି ଚିକିତ୍ସା ଓ ଗବେଷଣା ମହାବିଦ୍ୟାଳୟ(ଓଏମ୍‌ସିଏଚ୍‌ଆର୍‌)ର ଛାତ୍ରୀଛାତ୍ର ମଧ୍ୟ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ ସର୍ତ୍ତମୂଳକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏଥିପାଇଁ ସରକାରଙ୍କୁ ୩ ମାସ ସମୟ ଦିଆଯାଇଛି। ଅନ୍ୟଥା ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ପୁଣିଥରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଓଏମ୍‌ସିଏଚ୍‌ଆର୍‌ ଛାତ୍ର ସଂଘର ସଭାପତି ତଥା ନିଖିଳ ଓଡ଼ିଶା ଆୟୁଷ ଡାକ୍ତରୀ ଛାତ୍ର ସଂଘର ସହ ସମ୍ପାଦକ ପଲାସ ରଞ୍ଜନ ପାଉଲ କହିଛନ୍ତି।

ପାଉଲଙ୍କ ସୂଚନା ଅନୁସାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହିତ ଆୟୁଷ ଛାତ୍ର ସଂସଦର ଏକ ପ୍ରତିନିଧିଦଳ ଆଲୋଚନା କରିଥିଲେ। ଏଥିରେ ଆୟୁଷ ଛାତ୍ରଙ୍କ ଆନ୍ଦୋଳନ ଜନିତ ଦାବିଗୁଡ଼ିକୁ ଯଥାର୍ଥ ବୋଲି ଗ୍ରହଣ କରିବା ସହ ଯଥାଶୀଘ୍ର ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡକୁ ମାସିକ ୧୭ରୁ ୩୦ହଜାରକୁ ବୃଦ୍ଧି, ନୂତନ ଆୟୁଷ ଡାକ୍ତର ପଦବୀ ଓ ବିଭିନ୍ନ କଲେଜରେ ସ୍ନାତକୋତ୍ତର ଆସନ ସଂଖ୍ୟା ବୃଦ୍ଧିର ଯଥାର୍ଥତା ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରାଯିବ, ଉକ୍ତ କମିଟିର ନିଷ୍ପତ୍ତି ବା ସୁପାରିସ୍ କ୍ରମେ ଆବଶ୍ୟକ ଅନୁସାରେ ପଦବୀ ଓ ଆସନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏନେଇ ଖୁବଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ନିର୍ଦ୍ଦେଶାନାମା ଜାରି କରାଯିବ। ସେହିପରି ଆସନ୍ତା ସପ୍ତାହରୁ ରାଜ୍ୟରେ ଆୟୁଷ ଚିକିତ୍ସାଳୟଗୁଡ଼ିକରେ ନିଦାନ ବ୍ୟବସ୍ଥା ଲାଗୁ କରି ମାଗଣା ଔଷଧ ବିତରଣ ହେବ। ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଅନ୍ୟାନ୍ୟ ଦାବି ଗୁଡ଼ିକୁ ମଧ୍ୟ ପର୍ଯ୍ୟାୟକ୍ରମେ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନରୁ ଓହରିବାକୁ ନିବେଦନ କରିଥିଲେ। ମନ୍ତ୍ରୀଙ୍କ ଅନୁରୋଧକୁ ସମ୍ମାନ ଦେଇ ଆୟୁଷ ଡାକ୍ତରୀ ଛାତ୍ର ସଂସଦ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଉକ୍ତ ନିଷ୍ପତ୍ତି ଅନୁସାରେ ଶନିବାରଠାରୁ ସମ୍ବଲପୁର ସହିତ ରାଜ୍ୟର ଅନ୍ୟ ୬ଟି ସ୍ଥାନରେ ଚାଲିଥିବା ଆନ୍ଦୋଳନ ମଧ୍ୟ ସ୍ଥଗିତ ହୋଇଛି ବୋଲି କହିଛନ୍ତି ଛାତ୍ର ନେତା ପାଉଲ।

# ଜଳସେଚନ ଦ୍ୱାରା ଚାଷୀଙ୍କ ଅର୍ଥନୀତି ସୁଦୃଢ଼ ହେବ


ମନ୍ତ୍ରୀ ରବିନାରାୟଣ ନାଏକ ଗଭୀର ନଳକୂପ ଖନନର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କୁଚିଣ୍ଡା,୧୩।୧୨(ବିରଞ୍ଚି ଦର୍ଚ୍ଚା)

**ଗଭୀର ନଳକୂପ ଖନନର ଭିତ୍ତିପ୍ରସ୍ତର ସ୍ଥାପନ**

ଚାଷୀ ହସିଲେ ଗାଁ ହସିବ, ଚାଷୀଙ୍କ ଉନ୍ନତିରେ ଗାଁର ଉନ୍ନତି। ଗଭୀର ନଳକୂପ ଚାଷକୁ ଜଳସେଚନରେ ସହାୟକ ହୋଇ ଗ୍ରାମାଞ୍ଚଳର ଚାଷୀଙ୍କ ଅର୍ଥନୀତି ସୁଦୃଢ ହେବ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଟାଇଁସରଠାରେ ଶନିବାର ଉଠାଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଗଭୀର ନଳକୂପ ଖନନର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ନାଏକ କହିଛନ୍ତି, କୁଚିଣ୍ଡା ଉପଖଣ୍ଡ ଏକ ଅଣଜଳସେଚିତ ଅଞ୍ଚଳ। ପାଣି ଅଭାବରୁ ଚାଷୀ ପ୍ରତିବର୍ଷ ମରୁଡ଼ିର ଶିକାର ହୋଇଥାନ୍ତି। ଗଭୀର ନଳକୂପ ଦ୍ୱାରା ଉଭୟ ଖରିଫ ଓ ରବି ଚାଷରେ ଏହା ସଞ୍ଜିବନୀ ସଦୃଶ ହୋଇ ତାଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବ। ଏବେଠାରୁ ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ପାଇଁ ଗଭୀର ନଳକୂପ ଖନନର ଶୁଭାରମ୍ଭ ହେଲା ବୋଲି ସେ କହିଥିଲେ। ଚାଷୀମାନେ ଦୀର୍ଘ ଦିନରୁ ଗଭୀର ନଳକୂପ ଖନନ ପାଇଁ ଆବେଦନ କରି ଅର୍ଥରାଶି ଜମା କରିଥିଲେ। ମାତ୍ର କୌଣସି କାରଣରୁ ଏହାର କାର୍ଯ୍ୟକାରିତା ହୋଇ ନ ଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମନ୍ତ୍ରୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପରେ ବିଭାଗ ପକ୍ଷରୁ ନଳକୂପ ଖନନର ଶୁଭାରମ୍ଭ ହୋଇଛି। ଏହି ମେଗା ପ୍ରକଳ୍ପ ଅଧିନରେ ମୋଟ ୧୦୦୦ଟି ବିଦ୍ୟୁତ୍ ଚାଳିତ ଓ ୩୦୦ଟି ସୌର ଚାଳିତ ଗଭୀର ନଳକୂପ ଖନନ କରାଯିବ। ଏହି ଯୋଜନା ଦ୍ୱାରା ଅଞ୍ଚଳର ହଜାର ହଜାର ଚାଷୀ ଉପକୃତ ହେବା ସହ ପ୍ରାୟ ୨୫୦୦ ରୁ ଅଧିକ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ସମ୍ବଲପୁର ଉତ୍ତରାଞ୍ଚଳ ମଣ୍ଡଳ ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜିବ କୁମାର ବାଘ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ସାହୁ, ମେକାନିକାଲ ଯନ୍ତ୍ରୀ ଗଣେଶ ଚନ୍ଦ୍ର ସାହୁ, ବିଦ୍ୟୁତ୍ ଦାୟିତ୍ୱରେ ଥିବା ଯନ୍ତ୍ରୀ ତାପସ ରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ମହେଶ ମାଝି ସହଯୋଗ କରିଥିଲେ।

# ସାହିତ୍ୟିକ କେବଳ ସ୍ୱପ୍ନ ବିଳାସୀ ନୁହେଁ

**ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଆଲୋଚନାଚକ୍ର**

ସମ୍ବଲପୁର,୧୩।୧୨(ବି.ଶଙ୍କର)

ମୁଲ୍କ ରାଜ୍ ଆନନ୍ଦଙ୍କ ସାହିତ୍ୟ ମାନବାଦର ଜୟଗାନ କରିଥାଏ । ତେଣୁ ସାହିତ୍ୟିକ କେବଳ ସ୍ୱପ୍ନ ବିଳାସୀ ନୁହେଁ, ସେ ମଧ୍ୟ ସମୟ ଶେଷରେ ବିଦ୍ରୋହୀର ଭୂମିକା ନେଇଥାଏ। ସମ୍ବଲପୁରସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ଇଂଲଶ ବିଭାଗରେ ମୁଲ୍କ ରାଜ ଆନନ୍ଦଙ୍କ ୧୨୧ ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ଏଭିଭଳି ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଫେସର ପ୍ରଦୀପ କୁମାର ହରପାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସାହିତ୍ୟିକ ଡ. କାଳୀପ୍ରସାଦ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ମୁଲ୍କରାଜ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ଆଦିତ୍ୟ ମେହେର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସହଯୋଗୀ ପ୍ରାଧ୍ୟାପକ ହରିହର ମଲ୍ଲିକ ଆଲୋଚନାର ସଂଯୋଜନା କରିଥିଲେ। ଅଧ୍ୟାପକ ବୀରସେନ ଦଲାଇ, ନିରଞ୍ଜନ ରାଉତ, ସତ୍ୟରଞ୍ଜନ ଭୋଇ ଓ ରାହୁଲ ହୋତା ପରିଚାଳନା ଗତ ସହାୟତା ପ୍ରଦାନ କରିଥିଲେ । ଏହି ସାହିତ୍ୟିକ ଆଲୋଚନା ଅବସରରେ ଅନୁଷ୍ଠିତ ବିଭିନ୍ନ ସାହିତ୍ୟିକ ପ୍ରତିଯୋଗିତାରେ ମହାବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ରେଙ୍ଗାଲବେଡ଼ା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଜମନକିରା,୧୩।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡା ଉଚ୍ଚ ବିଦ୍ୟାଳୟରେ ଶନିବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସିଆରସିଶି ସୁଧାଂଶୁ ନାୟକ ଯୋଗ ଦେଇ ଖେଳ ପ୍ରତିଯୋଗିତାକୁ ମଶାଲ ଜାଳି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସୁଗ୍ରୀବ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଖେଳକୁ ଖେଳ ପ୍ରଶିକ୍ଷକ ଚାରୁଲତା ମାଝୀ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଲମ୍ବଡିଆଁ ବାଳିକା ବର୍ଗରେ ନୁପୁର ରୋହିଦାସ ପ୍ରଥମ, ବାଳକ ବର୍ଗରେ ତପନ ଗର୍ଡିଆ, ଉଚ୍ଚଡିଆଁ ବରିଷ୍ଠ ବର୍ଗରେ ସିପୁନ ମୁଣ୍ଡାରୀ ପ୍ରଥମ, କନିଷ୍ଠ ବର୍ଗରେ ଅପ୍ରାଟ କୁଜୁର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୦୦ ମିଟର ଦୌଡରେ ସଞ୍ଜୀବ ଲୁହୁରା, ୨୦୦ମିଟର ଦୌଡରେ ଟିଙ୍କଲ କିଷାନ ଏବଂ ୮୦୦ ମିଟର ଦୌଡରେ ଟାର୍ଜନ ଅମାତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ପୋର୍ଟସ ଚାମ୍ପିୟନ ଭାବେ ଦୀପକ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା।

# ସନ୍ତରଣଯୁକ୍ତ ଦୌଡ଼ରେ ଅମିୟଙ୍କୁ ରୌପ୍ୟ ପଦକ

ନାକଟିଦେଉଳ,୧୩।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଉପରମୁଣ୍ଡା ଗ୍ରାମର ଅମିୟ କୁମାର ପ୍ରଧାନ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ସନ୍ତରଣ ଯୁକ୍ତ ଦୌଡ଼ ପ୍ରତିଯୋଗିତାର ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଡିସେମ୍ବର ୮ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅମୀୟ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି ଡିସେମ୍ବର ୧୦ରେ ସେଠାରେ ଆୟୋଜିତ ସନ୍ତରଣ, ଦୌଡ଼ ଓ ସୁଟିଂ ପ୍ରତିଯୋଗିତାରେ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ବିଶ୍ୱର ୩୫ଟି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ମହମ୍ମଦ ଆଜମ ଅମୀୟଙ୍କ କୋଚ ରହିଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ଉପରମୁଣ୍ଡା ମାହେଶରୀ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉପରମୁଣ୍ଡାର ଅନ୍ତର୍ଯ୍ୟାମୀ ପ୍ରଧାନ ଏବଂ କୁନି ପ୍ରଧାନଙ୍କ ପୁଅ ଅମୀୟ ବର୍ତ୍ତମାନ ଟିଟିଲାଗଡ଼ର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସନ୍ତରଣ ପାଇଁ କୋଚର ଭାବେ ନିଯୁକ୍ତ ଅଛନ୍ତି ।



ଅମିୟ କୁମାର ପ୍ରଧାନ।

# ସାହିତ୍ୟକୁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ଗ୍ରାସକରୁଛି

ସମ୍ବଲପୁର,୧୩।୧୨(ବି.ଶଙ୍କର)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କଲମ ପରିବାର ଟ୍ରଷ୍ଟ ମିଳିତ ଆୟୋଜିତ ସମ୍ବଲପୁରୀ ବହି ହାଟ୍ -୨୦୨୫ ସମ୍ବଲପୁରସ୍ଥିତ ଓଡ଼ିଶା ସାଂସ୍କୃତିକ ଭବନରେ ଶନିବାର ରାତି ୮ଟାରେ ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସରେ ସ୍ରଷ୍ଟା, ସୃଷ୍ଟି ଆଉ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନାଚକ୍ରରେ ବରିଷ୍ଠ କବି ତଥା ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ସଭାପତିତ୍ୱ କରିଥିଲେ। ଡ. ପ୍ରଦୀପ କୁମାର ପଣ୍ଡା, ଡ. ଅଖିଳ ବିଶ୍ୱାଳ, ଗବେଷକ ଉତ୍ପନ୍ନ କୁମାର ଭୋଇ ଏବଂ ଡ. ଶ୍ୟାମ ଭୋଇ ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ । ସମାଜର ଉନ୍ନତି ଆଣିବା ଜଣେ ସାହିତ୍ୟିକର ମୂଳ ଲକ୍ଷ୍ୟ। ତେଣୁ କବି ଓ ସାହିତ୍ୟିକମାନେ ସ୍ୱପ୍ନ ବିଳାସୀ ନ ହୋଇ ସମାଜର ବାସ୍ତବ ଚିତ୍ର ଉପସ୍ଥାପନ କରିବା ଉଚିତ। ଏହାଦ୍ୱାରା ସମାଜର ସାମୂହିକ ଉନ୍ନତି ସମ୍ଭବ। ସୌନ୍ଦର୍ଯ୍ୟବୋଧ ସହିତ ସାମାଜିକ ସମସ୍ୟାକୁ ନେଇ ସର୍ଜନା ଜାରି ରହୁ। ହୃଦୟ ଓ ମନ ହେଉଛି ସାହିତ୍ୟ ସୃଷ୍ଟିର ମୂଳ ଉତ୍ସ । ବର୍ତ୍ତମାନ ସାହିତ୍ୟକୁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ଗ୍ରାସ କରି ଚାଲିଛି । ଏଥିରୁ କବି ଓ ଲେଖକ ମୁକ୍ତ ହୋଇ ସ୍ୱଚ୍ଛନ୍ଦରେ ସାହିତ୍ୟ ସୃଷ୍ଟି କରନ୍ତୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଆଲୋଚନାଚକ୍ରକୁ ଉପସଭାପତି ଜୟକୃଷ୍ଣ ବେହେରା ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ଡ.ସତ୍ୟନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ । କଲମ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ରଚିତ ପୁସ୍ତକ ସମ୍ବଲପୁର ରାଜ୍ୟର ଭିତିରି କଥା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ଡ.ଶ୍ୟାମସୁନ୍ଦର ଧର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ. ଲକ୍ଷ୍ମୀନାରାୟଣ ରଥ, କଲମ ସମ୍ପାଦକ କ୍ଷେତ୍ରମଣି ବିଭାର ଉପସ୍ଥିତ ଥିଲେ । ଏହି ଅବସରରେ ସମ୍ବଲପୁରୀ କଥାନୀ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦ଜଣ ଗାଳ୍ପିକ ଗଳ୍ପ ପାଠ କରିଥିଲେ । ଏହାପରେ ମହାବିଦ୍ୟାଳୟ ଓ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ରାଜଶ୍ରୀ ମୁନା ପ୍ରଥମ, ସୋନାଲି ସ୍ୱାଇଁ ଦ୍ୱିତୀୟ ଏବଂ ଲିପ୍ସା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦିଆଯାଇଥିଲା। ଏହି ଅବସରରେ ସମସ୍ତ ପୁସ୍ତକ ବିକ୍ରେତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ନାଟ୍ୟ ଅନୁଷ୍ଠାନ ସ୍ୱର ପକ୍ଷରୁ ପ୍ରସନ୍ନ ସାହୁଙ୍କ ରଚିତ ନାଟକ ସମୁଦ୍ର ଶ୍ରାବ୍ୟ ମଞ୍ଚସ୍ଥ ହୋଇଥିଲା।


ସମ୍ବଲପୁରୀ ବହି ହାଟ୍ ଆଲୋଚନା ଚକ୍ରରେ ଅତିଥି ଓ ବକ୍ତାମାନେ।

**ସମ୍ବଲପୁରୀ ବହି ହାଟ୍ ଉଦ୍‌ଯାପିତ**

## ସଂକ୍ଷେପରେ

### ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ

**କର୍ଲାମୁଣ୍ଡା, ୧୩।୧୨ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରେ ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ମୃତଦେହ ୯୬ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ମ.ରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକ ଜଣଙ୍କ ଦେବରାଜ ମାଝୀ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, କର୍ଲାମୁଣ୍ଡା ବ୍ଲକ ଶିରାବାହାଲ ଗ୍ରାମରେ ଦେବରାଜ ମାଝୀ ନାମକ ଏହି ବ୍ୟକ୍ତି ପ୍ରାୟ ୩ ମାସ ହେଲାଣି ଭିକ୍ଷାବୃତ୍ତି କରି ଚଳୁଥିଲେ। ସେ ଗ୍ରାମର ଗୋଲାପ କୁମାରଙ୍କ ଘରେ ଆଶ୍ରୟ ନେଉଥିଲେ। ଦେବରାଜଙ୍କ ଉଚ୍ଚ ରକ୍ତଚାପ ବୃଦ୍ଧି ଓ ପାରାଲିସିସ ରୋଗ ହେବାରୁ ଆଶ୍ରୟଦାତା ଗୋଲାପ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଘରକୁ ଆଣିଥିଲେ। ଗତ କିଛି ଦିନ ତଳେ ତାଙ୍କର ସ୍ୱାସ୍ଥ୍ୟ ପୁଣି ଖରାପ ହେବାରୁ ସ୍ଥାନୀୟ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦେବରାଜଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଗୋଲାପ କୁମାର ରିଷିଡା ଫାଣ୍ଡିରେ ଏକ ଲିଖିତ ଦରଖାସ୍ତ ଦେଇଥିଲେ। ଶନିବାର ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା ଭବାନୀପାଟଣା ଡାକ୍ତରଖାନାକୁ ଯାଇ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛନ୍ତି। ତେବେ ଚିହ୍ନଟ ପାଇଁ ମୃତଦେହକୁ ଜିଲା ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି।

### ନୂଆପଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା, ୧୩।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋର୍ଟ ପରିସରରେ ଶନିବାର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଅଦାଲତରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ନୂଆପଡ଼ା ସୁନୀଲ କୁମାର ଦାସ, ଅତିରିକ୍ତ ଜିଲା ଓ ଦୌରା ଜଜ୍ ଖରିଆର ପ୍ରଣମ କୁମାର ରାଉତ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ଖରିଆର ଇଶା ପତି, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସଡିଜେଏମ ସ୍ନାତକୀ ଦାଶ, ଜେଏମ୍ଏଫସି କୋମନା ସମୃଦ୍ଧି ସାଗରିକା ବାରିକ, ଜେଏମ୍ଏଫସି ସିନାପାଲି ପ୍ରଜ୍ଞା ପାରମିତା ମହାନ୍ତି, ଜେଏମଏଫସି ଖରିଆର ସମୀକ୍ଷା ସା, ଜେଏମଏଫସି ବୋଡେନ ପଲ୍ଲବୀ ଦାସ ଏବଂ ବିଭିନ୍ନ ରାଜସ୍ୱ ବିଭାଗ ଅଂଶଗ୍ରହଣ କରି ୩ ହଜାର ୮୯୪ ଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ ବାଉନ୍ସ, ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲାଗୁଡ଼ିକର ବିଚାର କରାଯାଇଥିଲା। ଏଥିରେ ୨,୨୦,୭୪,୪୭୭ ଟଙ୍କା ଆପୋଷ ସମାଧାନ କରାଯାଇଅଛି। ସେହିପରି ବିଭିନ୍ନ ବ୍ୟାଙ୍କ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୧୮୯ ଗୋଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ୍ ଶୁଳ୍କ ଦେୟ ମାମଲା ଗୁଡ଼ିକର ଆପୋଷ ବୁଝାମଣାରେ ସମାଧାନ ହୋଇ ୫୬,୯,୩୫୦ ଟଙ୍କା ଆଦାୟ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଲୋକ ଅଦାଲତର ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ପ୍ରଚାର ପ୍ରସାର ଜିଲା ସାରା କରାଯାଇଥିଲା। ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ବସଷ୍ଟାଣ୍ଡରେ ଥିବା ଏଲ୍ଇଡି ମନିଟରରେ ପ୍ରସାରଣ କରାଯାଇଥିଲା। ନୂଆପଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ବିଦ୍ୟୁତ୍ ବିଭାଗ ଦ୍ୱାରା ଆବଣ୍ଟନ କରାଯାଇଥିବା ଗାଡି ସହାୟତାରେ ଲୋକ ଅଦାଲତ ଆୟୋଜନ ବିଷୟରେ ବିପୁଳ ପ୍ରଚାର କରାଯାଇଥିଲା । ସେଥିପାଇଁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଜିଲା ପ୍ରଶାସନ, ନୂଆପଡା ଓ ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଓ ବିଦ୍ୟୁତ୍ ବିଭାଗକୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ପଲମ, ୧୩।୧୨ (ଭିକାରୀ ଗୌଡ଼)**



ସିଙ୍ଗାରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇ ଧାରଣା ଦେଇଛନ୍ତି।

ଶିକ୍ଷକ ନିଯୁକ୍ତି ଦାବିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ହାତୀଖୋଜ ଗ୍ରାମପଞ୍ଚାୟତ ସିଙ୍ଗାରିବାହାଲ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇ ଧାରଣା ଦେଇଥିଲେ। ଗ୍ରାମବାସୀ ୨ଜଣ ଶିକ୍ଷକ ନିଯୁକ୍ତି ଦାବି କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଅନ୍ୟ ଜଣେ ଶିକ୍ଷକଙ୍କୁ ୧୫ ଦିନ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନରେ ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ସିଙ୍ଗାରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ଏଠାରେ ୮୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀ ଏଠାରେ ଜଣେ ଗଣିତ ଓ ଜଣେ ଇଂରାଜୀ ଶିକ୍ଷକ ନିଯୁକ୍ତି କରିବାକୁ ୩ ବର୍ଷ ହେଲା ଦାବିକରି ଆସୁଥିଲେ। ୩ ବର୍ଷ ମଧ୍ୟରେ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ। ତେଣୁ ଗତ ସେପ୍ଟେମ୍ବର ୮ ତାରିଖରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଦାବି ଥିଲା ଦୁଇ ଜଣ ଶିକ୍ଷକ ଜଣେ ଇଂରାଜୀ, ଜଣେ ଗଣିତଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉ ଏବଂ ପିଇବା ପାଣି ପାଇଁ ନଳକୂପର ବ୍ୟବସ୍ଥା ସହିତ ଖେଳ ପଡ଼ିଆର ସୁବ୍ୟବସ୍ଥା କରାଯାଉ। ହେଲେ ସେହି ଅନଶନ ଦିନଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ଆସନ୍ତା ୧୫। ୧୦। ୨୦୨୫ ସୁଦ୍ଧା ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଦୁଇ ଜଣ ଶିକ୍ଷକ ନିଯୁକ୍ତିକୁ ନେଇ ସରକାରଙ୍କ ତରଫରୁ ଚିଠି ମଧ୍ୟ ହେଲା, ହେଲେ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଦୁଇ ଶିକ୍ଷକଙ୍କୁ ଦିଆ ଗଲା ନାହିଁ। ଏଣୁ ଗ୍ରାମବାସୀ ୧୨ ତାରିଖ ଶୁକ୍ରବାର ସକାଳ ୧୦ଟାରୁ ବିଦ୍ୟାଳୟରେ ତାଲା ବନ୍ଦ ଏବଂ ମଧ୍ୟାହ୍ନଭୋଜନ ରନ୍ଧା ବନ୍ଦ କରି ଧାରଣା ଦେବେ ବୋଲି ପୂର୍ବରୁ କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ। ସେହି ଅନୁସାରେ ଶୁକ୍ରବାର ସକାଳ ୧୦ଟାରୁ ବିଦ୍ୟାଳୟରେ ତାଲା ବନ୍ଦ କରି ଧାରଣା ଦେଇଥିଲେ। ଛାତ୍ରୀଛାତ୍ର ବାହାରେ ବସି ପାଠପଢିଥିଲେ। ଗ୍ରାମବାସୀ ବିଦ୍ୟାଳୟ ଗେଟ୍ ବନ୍ଦ କରି ଧାରଣା ଦେଇଥିଲେ। ଖବରପାଇ ଶିକ୍ଷା ବିଭାଗର ଅଧିକାରୀ ଓ ପୋଲିସ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ।

# ମଣ୍ଡି ଜଗୁଆଳିଙ୍କ ଆକସ୍ମିକ ମୃତ୍ୟୁ

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ)**

**ଥଣ୍ଡାରୁ ପକ୍ଷଘାତ ହୋଇଥିବା ଆଶଙ୍କା**



କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନିପୁର ମଣ୍ଡିରେ କାର୍ଯ୍ୟ କରୁଥିବା ଜଣେ ଜଗୁଆଳିଙ୍କ ଶୁକ୍ରବାର ଆକସ୍ମିକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ନାମ ବନ ଶବର (୭୫)ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବନ ବୁଧବାର ରାତିରେ ମଣ୍ଡିରେ ଜଗିବା ପାଇଁ ଯାଇଥିଲେ। ଘରୁ ବାହାରିବା ବେଳେ ସେ ଭଲ ଥିଲେ। ତା'ପର ଦିନ ଅର୍ଥାତ ଗୁରୁବାର ସକାଳୁ ସ୍ଥାନୀୟ ଜଣେ ଲୋକ ତାଙ୍କ ପରିବାରକୁ ବନଙ୍କ ଅବସ୍ଥା ଦେଖି ଖବର ଦେଇଥିଲେ। ଏହାପରେ ତାଙ୍କ ନାତି ଯାଇ ସେଠାକୁ ଦେଖିଲା ବେଳକୁ ବନଙ୍କ ଚେତା ନ ଥିଲା, ପାଟିରୁ ଫେଣ ବାହାରୁଥିଲା। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ପକ୍ଷଘାତ ଯୋଗୁ ତାଙ୍କର ଏପରି ଅବସ୍ଥା ହୋଇଥିବା ପରିବାର ଲୋକଙ୍କୁ ଡାକ୍ତର କହିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ,ଗତ କିଛି ଦିନ ହେଲା କଳାହାଣ୍ଡି ଜିଲାରେ ହାଡ଼ଭଙ୍ଗା ଶୀତକାକର ଜାରି ରହିଥିବାରୁ ଏହାର ପ୍ରଭାବରେ ବୃଦ୍ଧ ବନଙ୍କୁ ପକ୍ଷଘାତ ହୋଇ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ନେଇ ସ୍ଥାନୀୟ ପ୍ୟାକ୍ସ ସମ୍ପାଦକ ସମୀର ରାଜୁଙ୍କୁ ପଚାରିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଦେଖି ଡାକ୍ତରଖାନା ନେଇଥିଲୁ ବୋଲି କହିଥିଲେ। ତେବେ ବୃଦ୍ଧଙ୍କୁ ରାତି ସମୟରେ ଜଗିବା ପାଇଁ କୁହାଯିବା ବିଷୟରେ ପଚାରିବାରୁ ଠିକ୍ ଉତ୍ତର ଦେଇ ପାରି ନ ଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି




କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଉଛି।

**ନୂଆପଡ଼ା, ୧୩।୧୨ ( ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ଡୁମେରପାଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀଙ୍କ ସଭାପତିତ୍ୱରେ ଚଳିତବର୍ଷର ମୋ ସ୍ୱପ୍ନର ଓଡ଼ିଶା ବିଷୟବସ୍ତୁ ଉପରେ ଆଧାରିତ ସୁରଭି କାର୍ଯ୍ୟକ୍ରମ ରହିଥିଲା। ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାଏକ ମୁଖ୍ୟ ଅତିଥି, ନୂଆପଡା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ଧରମବନ୍ଧା ସରପଞ୍ଚ ଭୁବନେଶ୍ୱରୀ ଦଣ୍ଡସେନା, ଡୁମେରପାଣି ସରପଞ୍ଚ ଟେକରାମ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଗିକେଶ୍ୱର୍ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ସୁଶାନ୍ତ ମୁଣ୍ଡ, ଜୟକୃଷ୍ଣ ସୁନାନୀ ଓ ଦେବରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଧନୁଯାତ୍ରା ପାଇଁ ଭୂମିପୂଜନ

**ନୂଆପଡ଼ା, ୧୩।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗାଁ ଧନୁଯାତ୍ରା ପଡିଆରେ ହେବାକୁ ଥିବା ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ପାଇଁ ଶୁକ୍ରବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଚଳିତ ମାସ ୧୭ ରୁ ୨୫ ପର୍ଯ୍ୟନ୍ତ ୯ ଦିନ ଧରି ଆୟୋଜିତ ହେବାକୁ ଯାଉଛି ବିରାଟ ଆଞ୍ଚଳିକ ଧନୁଯାତ୍ରା। ଏହି ଧନୁଯାତ୍ରାରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବାବେଳେ ଅଞ୍ଚଳରେ ଲୁକ୍କାୟିତ ହୋଇ ରହିଯାଇଥିବା କଳାକାରମାନଙ୍କୁ ପ୍ରଥମେ ସୁଯୋଗ ଦିଆଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବିଶେଷ ଆକର୍ଷଣ ମୀନାବଜାର ଓ ଷ୍ଟାର ନାଇଟ ରହିଛି। ଏହି ଭୂମିପୂଜନ ସମୟରେ ଆୟୋଜକ କମିଟି ସଭାପତି ଅମିତ କୁମାର ଅହିର, ଉପସଭାପତି ଦୁଃଖଭଞ୍ଜନ ନାୟକ, ଘାସିରାମ ଭୋଇ, ନବୀନ ମହରା, ସନ୍ଦୀପ ମହରା, ଗୋପି ଅହିର, ତାମ୍ରଧ୍ୱଜ ଅହିର, ଚିନ୍ମୟ ପାଣିଗ୍ରାହୀ, ଫକୀର କାଣ୍ଡ, ଗୋପାଳ ତାଣ୍ଡି, କ୍ଷୀରୋଦ ତାଣ୍ଡି, ଚୁନା ସୁନାନୀ, ଦେବାଶିଷ ଗହିର, ଘନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ଚୋରି ଘଟଣାରେ ୨ ଧରାପଡ଼ିଲେ




ଗିରଫ ଯୁବକ ଓ ଜବତ ସାମଗ୍ରୀ ସହ ପୋଲିସ।

**ଖଡିଆଳ, ୧୩।୧୨ (ସୁଜିତ କୁମାର ପ୍ରଧାନ)**

**୩୦ ହଜାର ନଗଦ ଟଙ୍କା ଜବତ**

ନୂଆପଡ଼ା ଜିଲା ଖଡିଆଳ ସହର ମଧ୍ୟରେ ଦୋକାନ ଚୋରି ଘଟଣାରେ ପୋଲିସ ଶନିବାର ୨ଜଣଙ୍କୁ ଧରିଛି। ସେଥିରୁ ଜଣଙ୍କୁ ଗିରଫ କରିଛି। ୨ଜଣଙ୍କ ମଧ୍ୟରେ ଜଣେ ନାବାଳକ ଅଭିଯୁକ୍ତ ଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଯୁବକ ଶୁଭମ ଜେନା ଖଡିଆଳ ଶାନ୍ତିନଗର ବୋଲି ଜଣାପଡିଛି। ତାଙ୍କ ଠାରୁ ନଗଦ ୩୦ ହଜାର ଟଙ୍କା, ୨ମୋବାଇଲ ଜବତ ହୋଇଛି। ଗତ ୧୦ ତାରିଖ ଖଡିଆଳ ୱାର୍ଡ ନମ୍ବର ୬ରେ ଥିବା ପୂଜା ସାମଗ୍ରୀ ଦୋକାନ 'ରୋହିତ ପୂଜା ଭଣ୍ଡାର'ରେ ରାତ୍ରିରେ ଦୋକାନ ସଟର ଭାଙ୍ଗି ଚୋରି କରିଥିଲେ। ଦୋକାନରୁ ୪୦ ହଜାର ଟଙ୍କା ଚୋରି କରିଥିବା ବେଳେ ସିସି ଟିଭି ଫୁଟେଜରୁ ସେମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଘଟଣା ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶନିବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟକୁ ଚାଲାଣ କରିଥିଲା। ଏହି ଘଟଣା ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ. ୪୦୮/୨୦୨୫) ରୁଜୁ ହୋଇଛି।

# ଲାଞ୍ଚ ମାମଲା: ପୂର୍ବତନ ପିଇଓ, ପିଅନ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ହଗାଁ ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ରୂପେଶ ମେହେର ଓ ପିଅନ ରୂପେଶ ନାଏକ ଏକ ଲାଞ୍ଚ ମାମଲାରେ ପ୍ରମାଣ ଅଭାବରୁ ଶୁକ୍ରବାର ଭିଜିଲାନ୍ସ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଭବାନୀପାଟଣା ସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ଏହି ମାମଲାର ୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଏହାର ରାୟ ଶୁଣାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୫ ଜାନୁଆରୀରେ ଡ଼ହଗାଁ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମର ଗଗନେ ମାଝୀଙ୍କଠାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ମେହେର ସେହି ପଞ୍ଚାୟତର ପିଅନ ନାଏକଙ୍କ ଜରିଆରେ ଇନ୍ଦିରା ଆବାସ ଯୋଜନାର ବିଲ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହାକୁ ନେଇ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ବିଭାଗ ମାଡି ବସିଥିଲା। ଉଭୟଙ୍କୁ ଗିରଫ କରି ସେତେବେଳେ ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଥିଲା। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗର ଏକ ଲାଞ୍ଚ ମାମଲା (ନଂ.୪/୨୦୧୫) ରୁଜୁ ହୋଇଥିଲା। ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ସା ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ)**




ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଶନିବାର ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଶାଖାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘ ସଭାପତି ଶରତ ନାୟକଙ୍କ ଅନୁପସ୍ଥିତିରେ ଉପସଭାପତି ମନୋଜ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧକ୍ଷ ଦୁର୍ଗା ଚରଣ ମିଶ୍ରଙ୍କ ଅଧକ୍ଷତାରେ ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ ଯୋଗ ଦେଇଥିଲେ । ଏହାସହ

**ସେବା ପୁସ୍ତିକା ଉନ୍ମୋଚନ**

ଅତିଥି ଭାବେ ଡ. ଅଜୟ ମିଶ୍ର, କାଳି ପଟ୍ଟନାୟକ, ଶିକ୍ଷାବିତ୍ ମଧୁସୂଦନ ମହାପାତ୍ର, ସଂଘମିତ୍ରା କାନୁନ୍‌ଗୋ, କୁନୁ ନାଏକ, କପିଳେଶ୍ୱର ଖମାରୀ, ରୂପ କିଶୋର ଦଳେଇ, ମହମ୍ମଦ ବୁରାନ, ପ୍ରଫୁଲ୍ଲ ପଟ୍ଟନାୟକ, ମଦନ ବରାଡ, ଟି. ରାମକୃଷ୍ଣ ରାଓ ମଞ୍ଚାସୀନ ଥିଲେ। ଅନୁପମା ମୁଦୁଲି ମନ୍ତ୍ରପାଠ କରିଥିଲେ। ସମ୍ପାଦକ ଶୁକ୍ରୁ ରାଠୋର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସମ୍ପାଦକ ସ୍ୱର୍ଗତ ରାଜେନ୍ଦ୍ର ସାହୁ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ସଂଘର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ସେବା ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଜିଲାର ୧୩ ଟି ବ୍ଲକର ବିଶିଷ୍ଟ କ୍ରୀଡାବିତ, ସାହିତ୍ୟିକ, ଗୀତିକାର, ଲେଖକ, କବି, ଶିକ୍ଷାବିତମାନଙ୍କୁ ଅତିଥିମାନେ ମାନପତ୍ର, ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ସଂଘର ସମ୍ପାଦକ ସୁଧିର ରଥ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘୋଷିକା ଭାବେ ମିନତୀ ପ୍ରଧାନ ଦାୟିତ୍ୱ ନେଇଥିବାବେଳେ ସମସ୍ତ କାର୍ଯ୍ୟରେ ସମ୍ପାଦକ ସୁବାଷ ପଣ୍ଡା, ଅମିନ ଖାନା, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ବିଶ୍ୱ ମୁଣ୍ଡ, ବିଶିକେଶନ ନାଏକ, ଅଶୋକ ବାବୁ, ବିଚିତ୍ରାନନ୍ଦ ସ୍ୱାଇଁ, ଚନ୍ଦ୍ର ବାବୁ, ବିନୋଦ ମିଶ୍ର, ଲବକାନ୍ତ ରଣା, ସମୀର ମହାପାତ୍ର, ଅପ୍ପା ରାଓ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମହେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଷାରପାତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ



**ଥୁଆମୂଳ ରାମପୁର, ୧୩।୧୨ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲାରେ କିଛି ଦିନ ଧରି ପାରଦ ଖସିବାରେ ଲାଗିଛି। ଥୁଆମୂଳ ରାମପୁର ବ୍ଲକ ଦୁର୍ଗମ ଅଞ୍ଚଳରେ ଶୀତର ପ୍ରକୋପ ବଢିବାରେ ଲାଗିଥିବା ବେଳେ ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଜଣାପଡିଛି। ତୁଷାରପାତ ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ଶୀତରୁ ରକ୍ଷା ପାଇବାକୁ ଲୋକେ ନିଆଁ ଜାଳି ବସୁଛନ୍ତି। ସନ୍ଧ୍ୟା ୫ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରୁ ନାହାନ୍ତି। ଶୀତ କାକର ଯୋଗୁ ଯୋଗୁ ଲୋକେ କାମ ଅନ୍ୱେଷଣରେ ମଧ ଯାଇ ପାରୁନାହାନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ

**ଭବାନୀପାଟଣା, ୧୩।୧୨ (ଉତ୍ତମ କୁମାର ଦାଶ)**




ଜିଲା ମୁଖ୍ୟ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ଜଜ୍ ଓ ଅନ୍ୟମାନେ।

**୨୯୧୧ ମାମଲାର ଫଇସଲା**

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷର ଶେଷ ଓ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ଅଦାଲତରେ ୨୯୧୧ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୩କୋଟି ୨୨ଲକ୍ଷ ୫୦ ହଜାର ୫୮୬ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ୧୯ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୮୧ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ପାରିବାରିକ ବିବାଦ ଜନିତ ମକଦ୍ଦମା ୪ଟି ଫଇସଲା କରାଯାଇଥିଲା । ଦେୱାନୀ ମକଦ୍ଦମା ୧୭ଟି ଫଇସଲା କରାଯାଇ ୨ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ବିଚାରଯୋଗ୍ୟ ୨୦୭ଟି ଫଇସଲା କରାଯାଇଥିଲା। ଏହାସହ ଏନଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ୩୨ ଲକ୍ଷ ୬୦ ହଜାର ୨୬୫ ଟଙ୍କା ଆଦାୟ କରାଯାଇଥିଲା । ରାଜସ୍ୱ ମକଦ୍ଦମା ୨୦୨୬ ଟି ଫଇସଲା କରାଯାଇ ୬୭ହଜାର ୮୩୫ ଟଙ୍କା ଆଦାୟ କରାଯାଇଥିଲା। ଲୋକଉପଯୋଗୀ ସେବା ସମ୍ବନ୍ଧୀୟ ୧୬ଟି ମକଦ୍ଦମାର ଫଇସଲା କରାଯାଇ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା । ୬୦୭ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧ କୋଟି ୫ ଲକ୍ଷ ୩୦ ହଜାର ୪୮୬ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲା ଜଜ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧାକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ଭିଜିଲାନ୍ସଜଜ ବଦ୍ରିନାରାୟଣ ନନ୍ଦ, ପରିବାର ଅଦାଲତ ଜଜ ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା ଓ ଅନ୍ୟାନ୍ୟ ମାଜିଷ୍ଟ୍ରେଟ ଉପସ୍ଥିତ ରହି ନିଜ ଅଦାଲତ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୨୩୧

**ଘଣ୍ଟାପଡ଼ା,୧୩।୧୨ (ପ୍ରଭାତ କୁମାର ସାହୁ):** କେନ୍ଦ୍ରୀୟ ଜବହାର ନବୋଦୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ଶନିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟରେ ମୋଟ ୨୪୦ ଜଣଙ୍କ ମଧ୍ୟରୁ ୨୩୧ ଜଣ ପରୀକ୍ଷା ଦେଇଛନ୍ତି। ୯ଜଣ କୌଣସି କାରଣରୁ ଅନୁପସ୍ଥିତ ରହିଥିଲେ। ଉକ୍ତ ପରୀକ୍ଷାରେ ବୌଦ୍ଧ କେନ୍ଦ୍ରୀୟ ନବୋଦୟ ବିଦ୍ୟାଳୟରୁ ଅବଜରଭର ଭାବେ ଅରୁଣ କୁମାର ମହନ୍ତ ଓ ଲଭ୍ କୁମାର ଯୋଗ ଦେଇଥିଲେ। ସେହିପରି କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଲି ପରିଦର୍ଶନ କରିଥିଲେ। ପରୀକ୍ଷା ପରିଚାଳନାରେ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ, ୩୧ ମାମଲା ଫଇସଲା

**ହରଭଙ୍ଗା,୧୩।୧୨(ନରେନ୍ଦ୍ର କୁମାର ସାହୁ):** ହରଭଙ୍ଗା ତାଲୁକ ଆଇନସେବା କମିଟି ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୧ଟି ମାମଲାର ଫଇସଲା ହୋଇଥିଲା। ଏଥିସହ ବ୍ୟାଙ୍କଗୁଡିକ ମାମଲା ଫଇସଲା କରାଯାଇ ୧୮ଲକ୍ଷ ୧୯ ହଜାର ୪୧୨ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ ପରିଡାଙ୍କ ସମେତ ସମସ୍ତ ଆଇନଜୀବୀ, ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ପଦ୍ମପୁର ଲୋକ ମହୋତ୍ସବରେ ଆସାମର ବିହୁ ନୃତ୍ୟ ପରିବେଷଣ କରାଯାଉଛି।

# ମନ ମୋହିଲା ଆସାମର ବିହୁ, ଛତିଶଗଡ଼ର ଆଜାଦ ପାରିନ୍ଦା

**ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଚତୁର୍ଥ ସନ୍ଧ୍ୟା**

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଶୋକ ଖେଳ ପଡ଼ିଆଠାରେ ଟାଉନ କ୍ଲବ, ପଦ୍ମପୁର ତରଫରୁ ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଚତୁର୍ଥ ସନ୍ଧ୍ୟା ଶନିବାର ଶୁଭାରମ୍ଭ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ପଦ୍ମପୁର ବଣିକ ସଂଘ ସଭାପତି ତଥା ଟାଉନ କ୍ଲବ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରତାପ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଛନ୍ତି। କ୍ଲବର ସଭାପତି ପ୍ରୀତେଶ କୁମାର ବହିଦାର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ମଞ୍ଚରେ ଉପ ସଭାପତି ନରେଶ ସୁନ୍ଦର ସାହୁଙ୍କ ଉପସ୍ଥିତିରେ ପ୍ରଥମେ ସମସ୍ତ ଅତିଥି ମା' ସମଲେଶ୍ୱରୀ ଓ ବାବା ନୃସିଂହନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରୀତି ମିଶ୍ର ପ୍ରଥମେ ଏକ ଭଜନରୁ ସନ୍ଧ୍ୟା ଆରମ୍ଭ କରିଥିଲେ। ପରେ ପରେ ପ୍ରିୟାଂଶୀ ଗୁର୍ଲା ଓ ଗଜାନନ ନାଗଙ୍କ ଦ୍ୱାରା ଲୋକ ଗୀତ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ତଥା ବରିଷ୍ଠ କଳାକାର କେଶରଞ୍ଜନ ପଧାନ ଏବଂ ନାଟ୍ୟକାର ଅଶୋକ କୁମାର ବହିଦାର ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରତାପ ନାଥ, ଟେନେସ ପଣ୍ଡା, ସୁରେଶ ସାହୁ ଓ ସୋମେଶ ଚନ୍ଦ୍ର ମହାନ୍ତି ସହଯୋଗ କରିଥିଲେ। ମନୀଷ କୁମାର ରଥ, ନିତୁ ସାହୁ, ଦୀପକ ଦାସ, ସୋନାଲିକ ଶବର ଓ ଦେବାଶିଷ ପଣ୍ଡା ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ। ମହୋତ୍ସବ ପର୍ବ ପୂର୍ବରୁ ମହୋତ୍ସବ କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସାଂସ୍କୃତିକ ପର୍ବରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ସହ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଯୋଗ ଆସନ ପ୍ରଦର୍ଶନ, ଦହିତା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ, କନ୍ୟାଶ୍ରମ ଚର୍ଦାପାଲିର ନୂଆଁଖାଇ ଆଧାରିତ ପରିବେଷଣ, ମହିଳା ମହାବିଦ୍ୟାଳୟର ପଞ୍ଚରଶି, ଜେନିଥ ଲୟନ୍ସ ଗୁରୁକୁଳ ଅନୁଷ୍ଠାନ ନିଜର ପାରମ୍ପରିକ ନୃତ୍ୟ, ଅଞ୍ଚଳ ମହାବିଦ୍ୟାଳୟର ସାଂସ୍କୃତିକ ଦଳ, ବଲାଙ୍ଗୀର ଜୁଡ଼ା ଝଲକ ଅନୁଷ୍ଠାନର ପଞ୍ଚରସୀ, ବରଗଡ଼ ଫୁଲ ଗଜରା କଳା ପରିଷଦର ଡାଲଖାଇ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିବା ବେଳେ ଛତିଶଗଡ଼ ସରାଗିନୀ ଅନୁଷ୍ଠାନର ଆଜାଦ ପାରିନ୍ଦା ନୃତ୍ୟ ଓ ଆସାମ ପ୍ରତିଭା ଦଳର ବିହୁ ନୃତ୍ୟ ମଞ୍ଚରେ ଦର୍ଶକଙ୍କ ମନ ମୋହିଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିବିଧ ପ୍ରତିଭା ପାଇଁ କୋକିଳ ସାହୁଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ଏବଂ ପେଣ୍ଟିଙ୍ଗ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ସହ ବିଚାରକ ଦାୟିତ୍ୱ ତୁଲାଇଥିବା ଗଣନାଥ ବଗର୍ତ୍ତୀ, ନରେନ୍ଦ୍ର ବରିହା, ଗିରିଧାରୀ ସାହୁ, ସଚ୍ଚିଦାନନ୍ଦ ସାହୁ, ଯୁଗଳ କିଶୋର ଭୋଇ, କୋକିଳ ସାହୁ ଏବଂ ପ୍ରଦୀପ ପାଣିଗ୍ରାହୀ, ଦୁର୍ଗଶିଷ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ପ୍ରୀତେଶ କୁମାର ବହିଦାର ଆବାହକ ଅଶୋକ କୁମାର ମିଶ୍ର, ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ସୁବାସ ପାତ୍ର, ସରୋଜ ମିଶ୍ର, ନରୋତ୍ତମ ପ୍ରଧାନ, ହରି ସିଂ, କେଶବ ରଞ୍ଜନ ପ୍ରଧାନ, ଅଶୋକ ବହିଦାର, ପ୍ରତାପ ମିଶ୍ର, ନିରୋଜ ଦୋରା, ସୁରେନ୍ଦ୍ର ସାହୁ, ରମେଶ ଗୁର୍ଲା, ବିକାଶ ବହିଦାର, ସୁନୀଲ ଅଗ୍ରୱାଲ, ପ୍ରମୋଦ ମେହେର, ପ୍ରତାପ ନାଥ, ଆଦିତ୍ୟ ରଥ, ଜ୍ୟୋତ୍ସ୍ନାରାଣୀ କର, ରଞ୍ଜୁ ସେଠ, ନାରାୟଣ ପୁରୋହିତ, ରାଜେଶ ଗୁର୍ଲା ପ୍ରମୁଖ ସାଫଲ୍ୟ ମଣ୍ଡିତ କରିବାରେ ଦାୟିତ୍ୱ ବହନ କରିଥିଲେ।

# ଧାନ କିଣାବିକା ସ୍ୱାଭାବିକ ନ ହେଲେ ଆନ୍ଦୋଳନ

**ଟୋକନ ସମସ୍ୟା ଦୂର ହେଉନି, ଚାଷୀ ଅସନ୍ତୋଷ**

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲାରେ ଧାନବିକ୍ରିରେ ଅଚଳାବସ୍ଥା ଲାଗି ରହିଛି । ଧାନ ସଂଗ୍ରହ ପ୍ରକ୍ରିୟାର ୧୬ଦିନ ବିତି ଯାଇଥିଲେ ମଧ ଟୋକନ ସମସ୍ୟା ଦୂର ହୋଇନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ବରଗଡ଼ ସମତା ଭବନରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସରକାରଙ୍କ ଅପାରଗତାକୁ ସମାଲୋଚନା କରିବା ସହିତ ଆନ୍ଦୋଳନ ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପ୍ରଧାନ, ଅରୁଣ କୁମାର ସାହୁ, ସରୋଜ ପଧାନ, ଜିତୁ ବେହେରା, ମନକୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀରେ ସେମାନେ କହିଥିଲେ, ବରଗଡ଼ ଜିଲାରେ ପ୍ରାୟ ୬୦ ଭାଗରୁ ଅଧିକ ଚାଷୀଙ୍କ ପାଖକୁ ଏଯାଏ ଟୋକନ ଆସି ନାହିଁ। ଚାଷୀମାନଙ୍କୁ ଅନ୍ଧାରରେ ରଖାଯାଇଛି । ଯଦି ଆସନ୍ତା ୭ଦିନ ମଧ୍ୟରେ ଧାନ ଉଠାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଜିଲାର ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରିବାର ବ୍ୟବସ୍ଥା କରା ନ ଯାଏ, ତା'ହେଲେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଗଠନ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

ସେହିପରି ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଆହୁରି କହିଥିଲେ, ସରକାର ୨୦୨୫ -୨୬ ବର୍ଷରେ ୯୩ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ବିଭିନ୍ନ ଆଳ ଦେଖାଇ ବିଳମ୍ବରେ ମଣ୍ଡି ଖୋଲାଯାଇଛି ଏବଂ ଧାନ କିଣାବିକା ପ୍ରକ୍ରିୟାକୁ ମନ୍ଥର କରି ଦେଇଛନ୍ତି। ଅନ୍ୟପକ୍ଷରେ ଚାଷୀମାନଙ୍କ ପାଖକୁ ଏଯାଏ ଟୋକନ ଆସିନାହିଁ । ଯଦି ଚାଷୀମାନେ ଧାନ ବିକ୍ରି କରିପାରିବେ ନାହିଁ ତା' ହେଲେ ଆଉ ଗୋଟିଏ ଫସଲ ପ୍ରଭାବିତ ହେବ। ଏପରି ପରିସ୍ଥିତିରେ ଗତ ବିଧାନସଭା ଅଧିବେଶନରେ ଚାଷୀମାନଙ୍କ ସମସ୍ୟା ଏବଂ ତା'ର ସମାଧାନ ଦିଗରେ କୌଣସି ଆଲୋଚନା ନ ହୋଇ ବିଧାୟକମାନଙ୍କ ଦରମା ଭତ୍ତା ବଢ଼ାଇବା ପାଇଁ ବ୍ୟବସ୍ଥା ରହିବା ପରିତାପର ବିଷୟ ବୋଲି ଚାଷୀ ପ୍ରତିନିଧିମାନେ ମତ ରଖିଥିଲେ। ସେହିପରି ଧାନ ବିକ୍ରି ବ୍ୟବସ୍ଥାରେ ଅଚଳାବସ୍ଥା ଜାରି ରହିଥିବା ସମୟରେ ଧାନ ବଦଳରେ ବିବିଧ ଚାଷ କରିବା ନେଇ ବିଧାୟକଙ୍କ ମନ୍ତବ୍ୟ ସରକାରଙ୍କ ଅପାରଗତାକୁ ସୂଚାଉଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଚାଷୀ ପ୍ରତିନିଧିବୃନ୍ଦ କହିଥିଲେ।

# ନାଟକ 'ବଂଶୀ ବିଲପିଲା ଯମୁନା ତଟେ' ମଞ୍ଚସ୍ଥ



ନାଟକରେ କାଳୀୟ ଦଳନ ଦୃଶ୍ୟ ଅଭିନୀତ ହେଉଛି।

**ବୌଦ୍ଧ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା**

**ବୌଦ୍ଧ,୧୩।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଭୈରବୀ ପଡିଆରେ ଚାଲିଥିବା ଧନୁଯାତ୍ରା ନାଟ୍ୟୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାରେ ନାଟକ 'ବଂଶୀ ବିଲପିଲା ଯମୁନା ତଟେ' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ପୂର୍ବରୁ ନିର୍ବାକ ନୃତ୍ୟନାଟିକା ଭୃଗୁପତି ଭାର୍ଗବ ପରିବେଷିତ ହୋଇଥିଲା। ନାଟକରେ କୃଷ୍ଣଙ୍କ ଚରିତ୍ର ଉପରେ ଆଧାରିତ ନାଟକ ପରିବେଷଣ ହୋଇଥିଲା । ଯାତ୍ରା ପଡିଆରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ କରାଯାଇ କୃଷ୍ଣଙ୍କ କାଳୀୟ ଦଳନ ଦୃଶ୍ୟ ଅଭିନୀତ ହୋଇଥିଲା। ଯୌବନରେ ପଦାର୍ପଣ ଏବଂ ଗୋବତ୍ସାହରଣ, ବ୍ରହ୍ମାଙ୍କଠାରୁ ମୋହନ ବଂଶୀ ପ୍ରାପ୍ତି ସହ ଗୋପୀଙ୍କ ବସ୍ତ୍ର ହରଣ, ଯମୁନା ନଦୀରେ ନାବକେଳି ଏବଂ ଶ୍ରୀବତ୍ସର ପାଦଚିହ୍ନ ଧାରଣ, ଗୋବର୍ଦ୍ଧନ ଗିରି ଉତ୍ତୋଳନ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଓ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି। ନାଟକରେ ପ୍ରମୁଖ କଳାକାରଙ୍କ ସମେତ ଛୋଟବଡ କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଧନୁଯାତ୍ରା ନାଟ୍ୟୋତ୍ସବ ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ ମେହେର ଓ ନାଟ୍ୟ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୨.୪୧ କୋଟି ଆଦାୟ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା।

ଉକ୍ତ ଲୋକ ଅଦାଲତରେ ୩୫୧୬ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୧୨ହଜାର ୫୨୪ଟିବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁନିଆଯାଇଥିଲା। ସେଥିମଧ୍ୟରୁ ମୋଟ୍ ୯୩୫୧ ମାମଲାର ବିଚାର ହୋଇ ୨କୋଟି ୪୧ଲକ୍ଷ ୭୭ହଜାର ୫୯୯ ଟଙ୍କା ଆଦାୟ ହୋଇଥିଲା। ସେହି ମୋକଦ୍ଦମାଗୁଡ଼ିକ ମଧ୍ୟରୁ ୭୪ଟି ପ୍ରାକ୍ ମୋକଦ୍ଦମା ମାମଲାର ବିଚାର ହୋଇ ୨୪ଲକ୍ଷ ୬୨ହଜାର ୫୨୯ ଏବଂ ୯୨୭୭ ବିଚାରାଧୀନ ମାମଲା ବାବଦକୁ ୨କୋଟି ୧୭ଲକ୍ଷ ୧୫ହଜାର ୭୦ଟଙ୍କା ଆଦାୟ ହୋଇଥିଲା।

ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ଏବଂ ସଚିବ ବିଭୂତି ଭୂଷଣ ନାୟକ ପରିଚାଳନା କରିଥିଲେ। ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ଅତିରିକ୍ତ ଜିଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେୱାନୀ ବିଚାରପତି ବର୍ଷା ଶର୍ମା, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେୱାନୀ ବିଚାରପତି ସଂଗ୍ରାମ କୁମାର ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଚନ୍ଦନ ଦେହୁରୀ ବିଭିନ୍ନ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ, ଯୁବ ଆଇନଜୀବୀ, ପୋଲିସ ଅଧିକାରୀ ଏବଂ ଆଇନ ସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ବିନ୍ଧ୍ୟବାସିନୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଇକମାଳ,୧୪।୧୨(ବଡ଼ ଶତପଥୀ)**

ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ମୁଖ୍ୟବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଖଗେଶ୍ୱର ଦାସ, ସମ୍ମାନିତ ଅତିଥିଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ହାସ୍ୟକବି ଦେବେନ୍ଦ୍ର ସାହୁ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରି ଭଗବାନ ନୃସିଂହମହାପୁରୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ ହୋଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ଶ୍ୟାମଲାଲ ପ୍ରଧାନ। ସଭାରେ ସବିତା ଭୋଇ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାପରେ ବାର୍ଷିକ ବିବରଣୀ ପଠନ ଅଧ୍ୟାପିକା ନିରୁପମା ପ୍ରଧାନ କରିଥିଲେ। ବରଗଡ଼ର ହାସ୍ୟ କବି ସାହୁ ନିଜର ବକ୍ତବ୍ୟ ପ୍ରଦାନ ସହ ହାସ୍ୟ ରସ ଯୁକ୍ତ କବିତା ପଠନ କରି ସମସ୍ତଙ୍କୁ ହସାଇଥିଲେ। ଭଟଲି ବିଧାୟକ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଭଲ ଭାବରେ ପାଠ ପଢି ଗୋଟିଏ ଭଲ ମଣିଷ ହେବା ପାଇ କହିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦେଇଥିଲା ବେଳେ ଯୁକ୍ତ ୨କଳା ଓ ବିଜ୍ଞାନରେ ସର୍ବୋଚ୍ଚ ମାର୍କ ରଖିଥିବା ପ୍ରମୋଦିନୀ ପ୍ରଧାନ ଓ ରୁବିସାହୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ହରଭଙ୍ଗା,୧୩।୧୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବଡବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପରିଶ୍ରମୀ, ଅନୁକରଣପ୍ରିୟ, ଶିକ୍ଷକ ଅନୁଗାମୀ, ସୃଜନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରକୃତ ମାନବ ଜୀବନର ଧର୍ମ, ଜୀବନର ବାସ୍ତବ ସତ୍ୟ, ବନ୍ଧୁତାର ପ୍ରକୃତ ସଜ୍ଞା, ଗୁରୁଚୟନର ପ୍ରକୃତ ଉପାୟ ବିଷୟରେ ଆଲୋଚନା କରିଥିଲେ। ବୌଦ୍ଧ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାଏ, ବିଦ୍ୟାଳୟର ପୁରୁଣା ଛାତ୍ରୀ ସୁଶ୍ରୀ ନୟନା ଯାନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ମଞ୍ଚ ପରିଚାଳନା ଓ ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଶିକ୍ଷକ ଭଗବାନ ଗୁରୁଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ମାନୀତ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# କ୍ରୀଡ଼ା ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ



ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ମଞ୍ଚାସୀନ ଅତିଥି।

**ବରପାଲି,୧୩।୧୨(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ମିନି ଷ୍ଟାଡିୟମରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଅଧ୍ୟାପକ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ ଚାରିଜଣ ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୧୦୦ ମିଟର ଓ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମଞ୍ଜୁସା ବାଗ ଦ୍ୱିତୀୟ, ମିକି ସାହୁ ୧୦୦ ମିଟର ଦୌଡ଼ରେ ତୃତୀୟ, ସୁରଭି ଶାହା ଲଙ୍ଗ୍‌ଜମ୍ପ୍‌ରେ ତୃତୀୟ ଓ ହାଇଜମ୍ପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ତର୍ଯ୍ୟାମୀ କହିଥିଲେ, ଆଗାମୀ ରାଜ୍ୟ ସ୍ତରରେ ଛାତ୍ରୀମାନେ କେମିତି ଭାଗ ନେବେ ଓ ପରବର୍ତ୍ତୀ ସମୟରେ କିପରି ଭାବେ ଜାତୀୟ ସ୍ତରରେ ମନୋନୀତ ହୋଇପାରିବେ ସେଥିପାଇଁ ଶତ ପ୍ରତିଶତ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା ପୁନମ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀ ଜଳ ବିବାଦ: ସ୍ପଷ୍ଟୀକରଣ ମାଗିଲେ ପ୍ରସନ୍ନ

**ବରଗଡ଼,୧୩।୧୨(ପ୍ରେମାନନ୍ଦ ଖମାରୀ)**

ମହାନଦୀ ଜଳ ବିବାଦ ତଥା ମହାନଦୀ ସଂକଟକୁ ନେଇ ବିଜେଡି ପୁଣି ରାଜ୍ୟ, କେନ୍ଦ୍ର ସରକାରକୁ ଘେରିବା ଆରମ୍ଭ କରିଛି। ଓଡ଼ିଶା ଏବଂ ଛତିଶଗଡ଼ରେ ଭାଜପା ସରକାର ଚାଲିଛି। ସେହିପରି କେନ୍ଦ୍ରରେ ମଧ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ବର୍ତ୍ତମାନ ଭାଜପାର ଏଭଳି ଟ୍ରିପଲ ଇଞ୍ଜିନ ସରକାର ଚାଲିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ମହାନଦୀ ଜଳ ବିବାଦର ସମାଧାନ ନ ହେବା ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ପ୍ରେସ ବିବୃତିରେ ସେ କହିଛନ୍ତି, ମହାନଦୀ ଓଡ଼ିଶାର ଜୀବନ ସ୍ରୋତ। କିନ୍ତୁ କିଛି ଦଶନ୍ଧି ହେଲା, ଓଡ଼ିଶାବାସୀଙ୍କ ଏହି ଜୀବନ ସ୍ରୋତକୁ ସଂକୁଚିତ କରି ଦିଆଯାଉଛି। ଏଥିପାଇଁ ଆର୍ତ୍ତ ଚିତ୍କାର କଲେ ମଧ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଶୁଣୁ ନାହାନ୍ତି। ଅନ୍ୟପଟେ ଓଡ଼ିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀଜଳ ସମ୍ପର୍କିତ ସମସ୍ତ ବିଧି, ବିଧାନକୁ ବେଖାତିର୍ କରି ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି। ସେହିପରି ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳସ୍ରୋତକୁ ମନଇଚ୍ଛା ଛତିଶଗଡ଼ ସରକାର ନିଜ ଅଧୀନରେ ରଖି ଓଡ଼ିଶାର ଦାରୁଣ କ୍ଷତି ଘଟାଉଛନ୍ତି ବୋଲି ପ୍ରସନ୍ନ ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି, କେନ୍ଦ୍ର ଓ କେନ୍ଦ୍ରୀୟ ଜଳ ଆୟୋଗ ମଧ ଏଥିପ୍ରତି ନୀରବ ରହିଛନ୍ତି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡର କୂଳେକୂଳେ ଅଗଣିତ ଘରୋଇ ଶିଳ୍ପମାନଙ୍କୁ ଅଜସ୍ର ଜଳ ପ୍ରଦାନ କରୁଛନ୍ତି ଏବଂ ଓଡ଼ିଶାରେ ଜଳ ସଂକଟ ସୃଷ୍ଟି କରୁଛନ୍ତି। ଫଳରେ ଏକଦା ବର୍ଷତମାମ ଜଳପୂର୍ଣ୍ଣ ରହିଥିବା ମହାନଦୀ ଆଜି ଶୁଖିଲା ପଡୁଛି ଏବଂ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହୋଇ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବାର ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଓଡ଼ିଶା ଏବଂ ଛତିଶଗଡ଼ରେ ଗୋଟିଏ ସରକାର ରହିଥିବାରୁ ଏହାର ଶୀଘ୍ର ସମାଧାନ ପାଇଁ ଲୋକେ ଆଶା ରଖିଥିଲେ। ମାତ୍ର ଫଳ ଶୂନ। କେବଳ କମିଟି ପରେ କମିଟି ଗଠନ ସହିତ ରାଜ୍ୟର ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ମହାନଦୀ ଜଳ ଟ୍ରିବ୍ୟୁନାଲ ନିକଟରେ ମାମଲାଟି ୭ବର୍ଷରୁ ଊର୍ଦ୍ଧ୍ୱ ସମୟ ପଡ଼ି ରହିଛି। କିନ୍ତୁ ପ୍ରଗତି ନୈରାଶ୍ୟଜନକ ବୋଲି ପ୍ରସନ୍ନ ଅଭିଯୋଗ କରି ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ ନା ଆପୋସ ସମାଧାନ ପାଇଁ ଆଲୋଚନାର କଣ ସର୍ତ୍ତାବଳୀ ରହିବ ବୋଲି ପ୍ରଶ୍ନ କରିଛନ୍ତି। ଏହା ସହିତ ଆପୋସ ସମାଧାନ ପାଇଁ ଆଲୋଚନାକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ, ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ସେମାନଙ୍କ ସହିତ ଆଲୋଚନା କରିବେ କି ବୋଲ ପ୍ରସନ୍ନ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଛତିଶଗଡ଼ ସରକାର ଏବେ ସୁଦ୍ଧା ମହାନଦୀ ଏବଂ ଶାଖାନଦୀରେ ଚାଲୁ ରଖିଥିବା ନିର୍ମାଣାଧୀନ କାର୍ଯ୍ୟକୁ ବନ୍ଦ ରଖାଯିବ ନା ନାହିଁ ତାର ଉତ୍ତର ମଧ ପ୍ରସନ୍ନ ଲୋଡ଼ିଥିବା ବେଳେ ମହାନଦୀ ଟ୍ରିବ୍ୟୁନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତଃ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପୁଣି ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ରାଉରକେଲାକୁ ଆସିଲା ଅତ୍ୟାଧୁନିକ ଅଗ୍ନି ନିର୍ବାପକ ଯନ୍ତ୍ର

# ସହଜ ହେବ ଉଦ୍ଧାର କାର୍ଯ୍ୟ

ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)

ଅଗ୍ନିକାଣ୍ଡ, ଦୁର୍ଘଟଣା, ବନ୍ୟା ଓ ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟ, ଘରୋଇ ଓ ଶିଳ୍ପ କ୍ଷେତ୍ରରେ ଅଗ୍ନିସୁରକ୍ଷା, ରାସାୟନିକ ଓ ଶିଳ୍ପ ଅଗ୍ନିକାଣ୍ଡରେ ତତ୍କାଳ ସହାୟତା ପ୍ରଦାନ ପାଇଁ ଅଗ୍ନିଶମ ବିଭାଗ ରହିଛି। ରାଉରକେଲା ସହରରେ ୧୯୬୫ରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ହୋଇଥିଲା। ଏହି କେନ୍ଦ୍ରରେ ଦମକଳ ଗାଡ଼ି ସହିତ କିଛି ଉପକରଣ ଦ୍ୱାରା ଉଦ୍ଧାର ଓ ସହାୟତା କାର୍ଯ୍ୟ କରାଯାଉଥିଲା। ରାଉରକେଲା ସହର ଜଙ୍ଗଲ ପରିବେଷ୍ଟିତ ରହିଥିବାରୁ ବିଭିନ୍ନ ସମୟରେ ବନାଗ୍ନି ସମସ୍ୟା, ଦୂରଦୂରାନ୍ତ ଓ ଗ୍ରାମାଞ୍ଚଳରେ ଠିକ୍ ସମୟରେ ପହଞ୍ଚିବା, କେତେକ ସ୍ଥାନରେ ଉପକରଣ ଓ ମାନବ ସମ୍ବଳ ଅଭାବ ମୁଖ୍ୟ ପ୍ରତିବନ୍ଧକ ରହିଥିଲା। ଆଧୁନିକ ଉପକରଣ ପ୍ରଦାନ ପାଇଁ ବିଭାଗକୁ ଅବଗତ କରାଯାଇଥିଲା। ତେବେ ରାଉରକେଲା ମୁଖ୍ୟ ଅଗ୍ନିଶମ କେନ୍ଦ୍ରକୁ ଚଳିତ ବର୍ଷ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ରୋବୋଟ ଅଗ୍ନି ନିର୍ବାପକ ଯନ୍ତ୍ର ମିଳିଛି, ଯାହାକି ବିନା ଅଗ୍ନିଶମ କର୍ମୀଙ୍କ ଦ୍ୱାରା ଅଗ୍ନି ନିବାରଣ ହୋଇପାରିବ ବୋଲି ଜଣାପଡିଛି।



ରାଉରକେଲା ଅଗ୍ନିଶମ କେନ୍ଦ୍ରରେ ଆଧୁନିକ ଉପକରଣ।

ରାଉରକେଲା ସହରରେ କ୍ରମଶଃ ଜନସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଫଳରେ ସହର ଉପରେ ଅଧିକ ଅଗ୍ନି ଓ ସୁରକ୍ଷା ଦାୟିତ୍ୱ ଚାପ ରହିଛି। ଅଗ୍ନି ସୁରକ୍ଷା ପାଇଁ ଫାୟାର ଟେଣ୍ଡର, ରେସକ୍ୟୁ ଭ୍ୟାନ, ଅଗ୍ନିନିର୍ବାପକ ଯନ୍ତ୍ର, ଉଚ୍ଚ ଅଟ୍ଟାଳିକା ପାଇଁ ଲ୍ୟାଡର, କଟର ଓ ହାଇଡ୍ରୋଲିକ ଯନ୍ତ୍ର, ଅକ୍ସିଜେନ୍ ସେଟ୍ ଓ ସୁରକ୍ଷା ପୋଷାକ ଆଦି ଉପକରଣ ବ୍ୟବହାର ହୋଇଆସୁଛି। ଏବେ ଚାପ ହ୍ରାସ କରାଇବା ପାଇଁ ଅଗ୍ନିଶମ ବିଭାଗକୁ ନୂତନ ଓ ପ୍ରଯୁକ୍ତିଶୀଳ ଉପକରଣ ପ୍ରଦାନ କରାଯାଇଛି। ଏଥିରେ ରୋବୋଟ୍ ଅଗ୍ନି ନିର୍ବାପକ ଯନ୍ତ୍ର, ପୋର୍ଟେବଲ୍ ଅଗ୍ନିଶମ ବାଇକ, ଜରୁରୀକାଳୀନ ଟାୱାର ଲାଇଟ୍ ରହିଛି। ସମୟ ଓ କାର୍ଯ୍ୟ ଅନୁସାରେ ଅଧିକ ଉପକରଣ ରାଉରକେଲା ଅଫିସରୁ ବିଭିନ୍ନ ସ୍ଥାନକୁ ଯାଉଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ସୁନ୍ଦରଗଡ଼ ଜିଲାରେ ରାଉରକେଲା (ମୁଖ୍ୟ ଅଫିସ), ରାଜଗାଙ୍ଗପୁର, ବଣେଇ, ହେମଗିରି, କୁତ୍ରା, ଲେଫ୍ରିପଡ଼ା, ବିଶ୍ରା ଆଦିରେ ଅଗ୍ନିଶମ କେନ୍ଦ୍ର ଓ ଉପକେନ୍ଦ୍ର ରହିଛି। ରାଉରକେଲା ମୁଖ୍ୟ ଅଗ୍ନିଶମ କେନ୍ଦ୍ର ହୋଇଥିବାରୁ ଏହି କେନ୍ଦ୍ରକୁ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ରୋବୋଟ ଅଗ୍ନିଶମ ନିର୍ବାପକ ଯନ୍ତ୍ର ମିଳିଛି। ତାକୁ ସ୍ୱତନ୍ତ୍ର ଭ୍ୟାନ୍‌ରେ ପରିବହନ କରି ରିମୋର୍ଟ ଦ୍ୱାରା ପରିଚାଳନା କରାଯିବ। ସେହିପରି ସହରର ଗଳିକନ୍ଦି ତଥା ସଙ୍କୀର୍ଣ୍ଣ ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ସେଠାରେ ବାଇକ୍ ପୋର୍ଟେବଲ୍ ଅଗ୍ନି ନିର୍ବାପକ ଯନ୍ତ୍ର ତଥା ବନ୍ୟା ପରିସ୍ଥିତିରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲେ ମଧ୍ୟ ଜରୁରୀକାଳୀନ ଟାୱାର ଲାଇଟ୍ ବ୍ୟବହାର କରାଯାଇପାରିବ। ଏ ନେଇ ରାଉରକେଲା ଅଗ୍ନିଶମ କେନ୍ଦ୍ରର ସହାୟକ ଫାୟାର ଅଫିସର ସଂଗ୍ରାମ ହାଁସଦାଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲା ସହର ପରିବର୍ଦ୍ଧିତ ହୋଇଛି। ଏଥିରେ ଦିନକୁ ଦିନ ବହୁତାଲା ବିଶିଷ୍ଟ କୋଠା, ଶପିଂ ମଲ୍, ମଲ୍ଟି ଷ୍ଟୋରେଜ୍ ସ୍କୁଲ ସଂଖ୍ୟା ବୃଦ୍ଧିପାଇଛି। ବଡ଼ଧରଣର ଅଗ୍ନିକାଣ୍ଡ ଏଡାଇବା ପାଇଁ ରୋବୋଟ୍‌ର ସାହାଯ୍ୟ ନିଆଯିବ। ଇତିମଧ୍ୟରେ ସେପରି ଘଟଣା ଘଟିନାହିଁ। ପ୍ରତ୍ୟେକ ବର୍ଷ କେନ୍ଦ୍ରର ଚାହିଦା ଅନୁଯାୟୀ ଆବଶ୍ୟକ ଉପକରଣ ତାଲିକା ବିଭାଗକୁ ପଠାଯାଇଥାଏ। ତେବେ ଏଥରକ ଆସିଥିବା ଉପକରଣ ଦ୍ୱାରା ଉଦ୍ଧାର କାର୍ଯ୍ୟ ସହଜସାଧ ହେବ ବୋଲି ହାଁସଦା କହିଥିଲେ।

# ରାଉରକେଲାରେ ଶୀତ ଲହରି, ଇନ୍ଦିରା ଗାନ୍ଧୀ ପାର୍କରେ ସ୍ୱତନ୍ତ୍ର ବ୍ୟବସ୍ଥା


ଶୀତ ଦାଉରୁ ରକ୍ଷା ପାଇଁ ସହରବାସୀ ନିଆଁ ଜାଳୁଛନ୍ତି ।

ରାଉରକେଲା, ୧୩।୧୨ (ବିପ୍ଲବ ରନ ଦାଶ)

ରାଉରକେଲା ଇସ୍ପାତ ସହର ଓ ସ୍ମାର୍ଟସିଟିରେ ଶୀତ ଲହରୀ ଜାରି ରହିଛି। ଗତ କିଛିଦିନ ହେଲା ତାପମାତ୍ରାରେ ହ୍ରାସ ଘଟିଥିବା ବେଳେ ଗତ ୩ ଦିନ ମଧ୍ୟରେ ରାଉରକେଲା ସହରର ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସହରବାସୀ ପୂର୍ବାହ୍ନ ୧୦ଟା ନ ହେଲେ ଘରୁ ବାହାରୁନାହାନ୍ତି। ସନ୍ଧ୍ୟା ୬ଟା ପରେ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ଭୋର ସମୟରେ ଘନ କୁହୁଡି ଯୋଗୁ ରାସ୍ତାଘାଟ ମଧ୍ୟ ଦେଖା ଯାଉନାହିଁ। ଶୀତ ଦାଉରୁ ମୁକୁଳିବା ପାଇଁ ସହରବାସୀ ଶୀତବସ୍ତ୍ର ବ୍ୟବହାର କରୁଥିବା ବେଳେ କିଛି ସ୍ଥାନରେ ଲୋକେ ନିଆଁ ଜାଳୁଥିବା ପରିଲକ୍ଷିତ ହେଉଛି। ସେହିପରି ପ୍ରବଳ ଶୀତ ଦାଉରୁ ପଶୁପକ୍ଷୀ ମଧ୍ୟ ବାଦ୍ ଯାଇନାହାନ୍ତି। ଶୀତ ଲହରୀକୁ ଲକ୍ଷ୍ୟ କରି ଆର୍‌ଏସ୍‌ପି ଅଧୀନସ୍ଥ ଇନ୍ଦିରାଗାନ୍ଧୀ ପାର୍କରେ ଥିବା ୧୮ଟି ବିଭିନ୍ନ ପ୍ରଜାତିର ୨ଶହରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଇନ୍ଦିରା ଗାନ୍ଧୀ ପାର୍କ ତଥା ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ଜନ୍ତୁମାନଙ୍କ ପାଇଁ ଉଷ୍ମତା ପ୍ରଦେୟୀ ବ୍ୟବସ୍ଥା ସହ ପୃଥକ ବିଶ୍ରାମ କ୍ଷେତ୍ର କରାଯାଇଛି। ଏଥିସହ ସରୀସୃପ ପ୍ରଜାତି ପ୍ରାଣୀଙ୍କ ପାଇଁ ଉତ୍ତାପଦେୟୀ ଆଲୋକ, ବାଘଙ୍କ ପାଇଁ ଶରୀର ଅନୁକୂଳ ଖାଦ୍ୟ ଏବଂ ହରିଣମାନଙ୍କ ପାଇଁ ଅନୁରୂପ ବ୍ୟବସ୍ଥା କରାଯାଇଛି। ଆରଏସପି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏସବୁ ବ୍ୟବସ୍ଥା ପରିଚାଳିତ ହେଉଥିବା ବେଳେ ଦୈନିକ ରୁଟିନ ଆଧାରରେ ତଦାରଖ ମଧ୍ୟ କରାଯାଉଛି।

# ୨୦ରୁ ଜାତୀୟ ନାଟ୍ୟ ମହୋତ୍ସବ ଆରମ୍ଭ

ରାଉରକେଲା, ୧୩।୧୨ (ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ ପକ୍ଷରୁ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ଡିସେମ୍ବର ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ୩୬ତମ ସର୍ବ ଭାରତୀୟ ବହୁ ଭାଷାଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୫ ଆୟୋଜନ ହେବ। ରାଉରକେଲା ସହରରେ ବିଭିନ୍ନ ଭାଷାଭାଷୀ ଲୋକ ବସବାସ କରୁଥିବା ତଥା ମିନି ଇଣ୍ଡିଆ କୁହାଯାଇଥିବା ଇସ୍ପାତ ନଗରୀରେ ୮ ଦିନ ବ୍ୟାପୀ ହେବାକୁ ଥିବା ଏହି ନାଟ୍ୟ ମହାପର୍ବର ଉଦ୍‌ଘାଟନୀ ଦିବସରେ କଳା, ସାହିତ୍ୟ ଓ ସଂସ୍କୃତିର ଅନୁଷ୍ଠାନ ସ୍ପନ୍ଦନ ମଞ୍ଚସ୍ଥ କରିବ ଓଡିଆ ନାଟକ 'ଜହର ଜହ୍ନ'। ୨୧ ତାରିଖରେ ଭୁବନେଶ୍ୱର ସ୍ଥିତ ବିଦ୍ୟାକନକ ସୃଜନାନୁଷ୍ଠାନ ପରିବେଷଣ କରିବ ନାଟକ 'କୁହୁଡି'। ୩ୟ ସନ୍ଧ୍ୟାରେ ଭୁବନେଶ୍ୱର ବାଗଦେବୀ ଲିଟରେଚର ଟ୍ରଷ୍ଟର କଳାକାରମାନଙ୍କ ଦ୍ୱାରା ନାଟକ 'କିଏ', ୪ର୍ଥ ସନ୍ଧ୍ୟାରେ ବାରାଣସୀରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ହିନ୍ଦୀ ନାଟକ 'ମଧ୍ୟାନ୍ତର', ୫ମ ସନ୍ଧ୍ୟାରେ ବଙ୍ଗଳା ନାଟକ 'ଉତ୍ତମ ପୁରୁଷ' ଓ ୬ଷ୍ଠ ସନ୍ଧ୍ୟାରେ ଆସାମର କଳାକାରମାନଙ୍କ ଦ୍ୱାରା 'ବିରଳ ତପସ୍ୱୀ', ୭ମ ସନ୍ଧ୍ୟାରେ 'ସମସାନ ଏକ ମହାପର୍ବ' ମଞ୍ଚସ୍ଥ ହେବ। ଶେଷ ସନ୍ଧ୍ୟାରେ ଭାରତ ବର୍ଷର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ପ୍ରତିଯୋଗିତା ହେବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ସମର ମୁଦାଲି ସୂଚନା ପ୍ରଦାନ କରିଛନ୍ତି।

# ଦକ୍ଷତା ବିକାଶ ସୁରକ୍ଷା ତାଲିମ ନେଲେ ୩୦୦ କର୍ମଚାରୀ


ତାଲିମ ଅଧିବେଶନରେ ଉପସ୍ଥିତ ଅଂଶଗ୍ରହଣକାରୀ।

ରାଉରକେଲା, ୧୩।୧୨ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ସୁରକ୍ଷା ବୃଦ୍ଧି ପଦକ୍ଷେପର ଅଂଶ ଭାବେ ଏକ ସି ଏଣ୍ଡ ସିଡି ସୁରକ୍ଷା ତାଲିମ ଅଧିବେଶନ ଆୟୋଜିତ ହୋଇଛି। ଗତ ୧୦ତାରିଖରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଇଡି ପ୍ରୋଜେକ୍ଟର ସୁଦୀପ ପାଳ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ସିଜିଏମ (ଏଚ୍‌ଆର-ଏଲ୍‌ଏଣ୍ଡବି) ପି. କେ ସାହୁ ଏବଂ ଜିଏମ୍ (ସୁରକ୍ଷା ଇଞ୍ଜିନିୟରିଙ୍ଗ) ଅବକାଶ ବେହେରା ଉପସ୍ଥିତ ଥିଲେ। ଅନେକ ବିଭାଗୀୟ ଏବଂ କ୍ଷେତ୍ର ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ବିଭାଗର ପ୍ରାୟ ୩ ଶହ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା। ଏହି ଅବସରରେ ସି ଏଣ୍ଡ ସିଡି ତାଲିମ ମଡ୍ୟୁଲର ବ୍ୟାପକ ପରିସର ଏବଂ ସଂରଚିତ ଡିଜାଇନ ଉପରେ ପାଳଚୌଧୁରୀ ଆଲୋକପାତ କରିଥିଲେ। ନିରନ୍ତର ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ଜ୍ଞାନ, ପ୍ରସ୍ତୁତି ଏବଂ ସତର୍କତା ଏକ ସୁରକ୍ଷିତ କାର୍ଯ୍ୟ ପରିବେଶର ମେରୁଦଣ୍ଡ ବୋଲି ସେ କହିଥିଲେ। ଅବକାଶ ବେହେରାଙ୍କ ଦ୍ୱାରା ପରିଚାଳିତ ଅଡିଓ-ଭିଜୁଆଲ, ଉପସ୍ଥାପନା ମାଧ୍ୟମରେ ଆଚରଣ ଭିତ୍ତିକ ସୁରକ୍ଷା (ବିବିଏସ) ହସ୍ତକ୍ଷେପର ବିଭିନ୍ନ ଦିଗ ସହିତ ପରିଚିତ କରାଯାଇଥିଲା। ଏହାସହିତ ଜିଏମ୍ (ଏମ୍‌ଆର୍‌ଡି) ଏସ୍. କେ. ଭୂୟାଁ ସଡକ ସୁରକ୍ଷା ଉପରେ ଏକ ଦୃଷ୍ଟାନ୍ତମୂଳକ ଅଧିବେଶନ ନେଇଥିଲେ। ପ୍ରାରମ୍ଭରେ ପି. କେ ସାହୁ ସମାବେଶକୁ ସ୍ୱାଗତ ଜଣାଇଥିଲେ। ଏସ୍‌ଇଡିର ସହାୟକ ପରିଚାଳିକା ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଜିଏମ୍ (ଏସ୍‌ଇଡି)ରୁ ବିକ୍ରମ ପାଢୀ ଏଲ୍‌ଏଣ୍ଡଡି ବିଭାଗ ସହାୟତାରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଉମଙ୍ଗ ରିଟ୍ରିଟ୍‌ରେ ଆଉଟ୍‌ବାଉଣ୍ଡ ତାଲିମ

ରାଉରକେଲା, ୧୩।୧୨ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ୨୫ଜଣ ମହିଳାପୁରୁଷ କର୍ମଚାରୀଙ୍କୁ ନେଇ ଶୁକ୍ରବାର ଏବଂ ଶନିବାର ଜୋଶ୍ ଶୀର୍ଷକ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଟାଟା ଷ୍କିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ବିଶେଷଜ୍ଞ ସହଯୋଗ ଯୋଗାଇ ଦେଇଥିଲା। ସୂଚନାଯୋଗ୍ୟ, ୨୦୨୫-୨୬ ପର୍ଯ୍ୟାୟର ଏହା ପ୍ରଥମ କାର୍ଯ୍ୟକ୍ରମ ରହିଥିଲା। ଏଚ୍‌ଆର ଏଲ୍‌ଏଣ୍ଡଡି ବିଭାଗର ସିଜିଏମ ପି. କେ, ସାହୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅଧିବେଶନ ଏଲ ଏଣ୍ଡ ଡି ବିଭାଗର ଡିଜିଏମ୍ କେ. କେ ଜୟସ୍ୱାଲ ଏବଂ ଜୁନିୟର ମ୍ୟାନେଜର ଜେ. ସି ପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆଉଟବାଉଣ୍ଡ ଲର୍ଣ୍ଣିଂ ପଦକ୍ଷେପ ଏକ ସାମଗ୍ରିକ ବିକାଶ ଆଭିମୁଖ୍ୟ ଉପରେ ଧ୍ୟାନ ଦେଉଛି। ଯାହାକି ନେତୃତ୍ୱ, ଯୋଗାଯୋଗ ଦକ୍ଷତା, କାର୍ଯ୍ୟଦକ୍ଷତା, ଯୋଜନା, ପରିବର୍ତ୍ତନ ପରିଚାଳନା, ଦଳଗତ କାର୍ଯ୍ୟ ଏବଂ ପ୍ରେରଣାକୁ ଉନ୍ନତ କରିବା ପାଇଁ ଏହି ତାଲିମ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କ ବୃତ୍ତିଗତ ଦକ୍ଷତା ଶୃଙ୍ଖଳରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ସମାବେଶୀ କାର୍ଯ୍ୟ ସଂସ୍କୃତିର ଧାରା ପ୍ରବର୍ତ୍ତନ ପାଇଁ ପ୍ରସ୍ତୁତ କରାଯାଇଛି। ଘନ ଜଙ୍ଗଲ ଏବଂ ଶାନ୍ତ ମନୋରମ ବାତାବରଣମୟ ପ୍ରକୃତିର କୋଳରେ ସ୍ୱତନ୍ତ୍ର ଭାବେ ବିକଶିତ ଉକ୍ତ ଆଉଟବାଉଣ୍ଡ ଟ୍ରେନିଂ ସୁବିଧା ଏଭଳି ପ୍ରଶିକ୍ଷଣ ପାଇଁ ସର୍ବୋତ୍ତମ ସ୍ଥାନ ପ୍ରଦାନ କରୁଛି। ଏକ ୪୦ଫୁଟ୍ ଉଚ୍ଚତା ବିଶିଷ୍ଟ ରାପଲିଙ୍ଗ ଟାୱାର, ଅଷ୍ଟ୍ରେଲିଆନ ୱାକ୍ ପାଇଁ କାଠ ପ୍ରସ୍ତୁତ ସ୍ୱତନ୍ତ୍ର ଉପକରଣ, ଗୁରୁଣ୍ଡିବା ପାଇଁ ଟନେଲ, ସମାନ୍ତରାଳ ଦଉଡି, ମଙ୍କି ଜିଙ୍ଗ୍ ଏବଂ ଦଳ ସୃଷ୍ଟି ଉଦ୍ଦିଷ୍ଟ ବିଭିନ୍ନ ଖେଳ ପରିଚାଳନା ପାଇଁ ଅନ୍ୟାନ୍ୟ ସୁବିଧା ଏହି ନୂତନ ବିକଶିତ କେନ୍ଦ୍ରର କେତେକ ଆକର୍ଷଣୀୟ ବୈଶିଷ୍ଟ୍ୟ ଅଟେ। ଉକ୍ତ ସ୍ଥାନରେ ଏକ ସୁନ୍ଦର ଘାସଗାଲିଚା ଆଚ୍ଛାଦିତ ମନୋରମ ଉଦ୍ୟାନ ବିକଶିତ କରାଯାଇଛି। ୪ଟି ଆକର୍ଷଣୀୟ ଗମ୍ବୁଜ ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛି।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆର୍‌ଏସ୍‌ପି କର୍ମଚାରୀ।

# ବିଏମ୍‌ଏସ୍ କାର୍ଯ୍ୟାଳୟ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା, ୧୩।୧୨ (ଦିନେଶ ମିଶ୍ର)

ରାଉରକେଲା ସାରନଗରୀ ଅଞ୍ଚଳରେ ବିଏମ୍‌ଏସ୍ କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ବିଷ୍ଣୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟ ପ୍ରବେଶ ପୂର୍ବରୁ ହିନ୍ଦୁ ସନାତନୀ ରୀତିନୀତି ଅନୁସାରେ ରିକ୍ସର ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଏକ ବିଶାଳ ସଭା ଆୟୋଜିତ ହୋଇଥିଲା। ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ଉପସ୍ଥିତ ଥିଲେ। ସଭାରେ ପ୍ରଦୋଷ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଏମ୍‌ଏସ୍‌ର ବରିଷ୍ଠ ନେତା ହିମାଂଶୁ ବଳ, ଉମାକାନ୍ତ ସାମଲ, ବିକାଶ ପ୍ରଧାନ, ସଞ୍ଜୟ ଦାସ, ପ୍ରତାପ କୁମାର ପଟ୍ଟନାୟକ, ବାସୁ ନାଥ, ନରନାଥ କୁଅଁର, ଉତ୍ତମ ଜେନା, ରବି ଗୁପ୍ତା, ଗାନ୍ଧୀ ନାୟକ, ବୁଟୁ ସାମଲ, ରବି ଘଡେଇ, ଲଳିତ ପ୍ରମୁଖ ସହଯୋଗ କରିଥିଲେ। ବିବେକାନନ୍ଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବାକୁ ଆହ୍ୱାନ

ରାଉରକେଲା, ୧୩।୧୨ (ବିପ୍ଲବ ରଞ୍ଜନ ଦାଶ)

**ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନାଚକ୍ର**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଉପରେ ଏକ ମାସିକ ସାରସ୍ୱତ ଆଲୋଚନାଚକ୍ର ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ତମ୍ଭକାର ତଥା ଅର୍ଥନୀତି ବିଶାରଦ ନଳିନୀକାନ୍ତ ଧର ମୁଖ୍ୟବକ୍ତା ଥିଲେ। ଶିକ୍ଷାବିତ୍ ଡ. ଚିରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ। ନିରୁପମା ପତି ବିବେକବାଣୀ ଓ ଶାନ୍ତିପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ। ମିଳିତ ଜାତିସଂଘର ଧାରା ୧୪ ଓ ୨୧ ଅନୁଯାୟୀ ଶୁଦ୍ଧବାୟୁ ସମସ୍ତଙ୍କ ମୌଳିକ ଅଧିକାର। ତେଣୁ କୌଣସି ରାଷ୍ଟ୍ର, ଉଦ୍ୟୋଗ ବା ବ୍ୟକ୍ତିଙ୍କର ପ୍ରକୃତିକୁ ଧ୍ୱଂସ ବା କ୍ଷତି ପହଞ୍ଚାଇବାର ଅଧିକାର ନାହିଁ ବୋଲି ମୁଖ୍ୟବକ୍ତା ଦର୍ଶାଇଥିଲେ। ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ୟୁରୋପରୁ ଆରମ୍ଭ ହୋଇଥିବା ଶିଳ୍ପ ବିପ୍ଳବ ପରେ ଉନ୍ନତ ଦେଶ ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରିଥିବାରୁ ତାପମାତ୍ରା ବଢ଼ି ଜଳବାୟୁ ପରିବର୍ତ୍ତନ ଘଟୁଛି। ମିଳିତ ଜାତସଂଘ ଆହ୍ୱାନରେ ବିଶ୍ୱ ସମୂହର ନିଷ୍ପତ୍ତି ଅନୁଯାୟୀ ପୃଥିବୀ ଭୂପୃଷ୍ଠ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀରେ ସୀମିତ ରଖିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି ସେଥିପାଇଁ ଅଧିକ ଅର୍ଥଦାନ ସହ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରି ପରିବେଶ ସନ୍ତୁଳନରେ ସହାୟକ ହେବାକୁ ସେ ଆହ୍ୱାନ ଦେଇଥିଲେ। ସୁଷମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଶର୍ମିଷ୍ଠା କବିଶତପଥୀ, ଉମାକାନ୍ତ ପଣ୍ଡା, ସୌମ୍ୟପ୍ରସାଦ ନନ୍ଦ, ଗିରିଜା ଶଙ୍କର ଗୋସ୍ୱାମୀ, ସରୋଜିନୀ ସାହୁ, ଶଙ୍କର୍ଷଣ ଶତପଥୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

# ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ: ଡବ୍ଲ୍ୟୁୱାଇସି ବିଜୟୀ

ରାଉରକେଲା, ୧୩।୧୨ (ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୯ତମ ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ରାଉରକେଲା ଡବ୍ଲ୍ୟୁୱାଇସି ଓ ବୀରମିତ୍ରପୁର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଉରକେଲା ଡବ୍ଲ୍ୟୁଆଇସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଙ୍ଗ୍ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରବି ନାୟକ ମାତ୍ର ୫୬ଟି ବଲ ଖେଳି ସର୍ବାଧିକ ୬୧ ରନ କରିଥିଲେ। ଜବାବରେ ବୀରମିତ୍ରପୁର ଦଳ ୨୭ ଓଭରରେ ୧୬୩ ରନ କରି ଅଲଆଉଟ୍ ହୋଇଯାଇଥିଲା। ମାତ୍ର ୧୦ ରନ୍ ବ୍ୟବଧାନରେ ବୀରମିତ୍ରପୁର ଦଳ ରାଉରକେଲା ଡବ୍ଲ୍ୟୁଆଇସି ଦଳଠାରୁ ପରାସ୍ତ ହୋଇଥିଲା। ବୀରମିତ୍ରପୁର ଦଳ ପକ୍ଷରୁ ପ୍ରତୀକ ଖୁଣ୍ଟିଆ ସର୍ବାଧିକ ୩୩ ରନ କରିଥିଲେ। ଡବ୍ଲ୍ୟୁୱାଇସି ଦଳ ପକ୍ଷରୁ ରୋହିତ ସ' ୬ ଓଭର ବୋଲିଂ କରି ମାତ୍ର ୨୯ ରନ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ସମାଜସେବୀ ସହଦେବ ସାମଲ ଓ ପ୍ରୀତମ ସମ୍ବିତ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଡବ୍ଲ୍ୟୁୱାଇସିର ରବି ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଜଶୋବନ୍ତ ଚନ୍ଦ୍ରା ଓ ରାହୁଲ ଛତ୍ରୀ ମ୍ୟାଚ୍ ପରିଚାଳନା କରିଥିବାବେଳେ କୌସିକ ମହାନ୍ତି, ବିଷ୍ଣୁକମଲ ବେହୁରିଆ ଓ ହର୍ସପ୍ରୀତ ସିଂ ସାନ୍ଧୁ ରନ୍ ତଦାରଖ କରିଥିଲେ। ରବିବାର ରାଉରକେଲା ଷ୍ଟ୍ରାଇକର ଓ ରାଇଜିଂ ମଧ୍ୟରେ ମ୍ୟାଚ୍ ହେବ ବୋଲି ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ପ୍ରଦାନ କରିଛନ୍ତି।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଉଭୟ ଦଳର ଖେଳାଳି।

# ଜାତୀୟ ଲୋକ ଅଦାଲତ: ୫୫୬ ମାମଲା ଫଇସଲା

ରାଉରକେଲା, ୧୩।୧୨ (ସଙ୍ଗୀତା ଜେନା)

ବିରଜାପାଳୀସ୍ଥିତ ନୂତନ କୋର୍ଟ ପରିସରରେ ଶନିବାର ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୧୭ଟି ମାମଲାରୁ ୫୫୬ଟି ସମାଧାନ ହୋଇଥିବା ବେଳେ ୬ କୋଟି ୫୩ ଲକ୍ଷ ୧୧ ହଜାର ୨୩୯ ଟଙ୍କା ଆଦାୟ ହୋଇଛି। ଉକ୍ତ ଅଦାଲତରେ ୪ଟି ଆପରାଧିକ ମାମଲା ଫଇସଲା ହୋଇଥିଲା। ଏନ୍‌ଆଇ ଆକ୍ଟରେ ୩୮୭ରୁ ୩୨ଟି ମାମଲାରେ ୩୬ଲକ୍ଷ ୨୧ ହଜାର ଟଙ୍କା, ମନି ରିକଭରି ୫୯ରୁ ୧୦ଟି ମାମଲାରେ ୭୩ ଲକ୍ଷ ୨୯ ହଜାର ୯ଶହ୧୪ ଟଙ୍କା, ମୋଟର ଦୁର୍ଘଟଣା କ୍ଷତିଭରଣା ମାମଲା ୧୧୦ଟିରୁ ୫୩ଟିରେ ୫ କୋଟି ୪୩ଲକ୍ଷ ୨୦ ହଜାର ଟଙ୍କା, ସିଭିଲରେ ୫୦ଟିରୁ ମାତ୍ର ଗୋଟିଏ ମାମଲାରେ ୪୦ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ବିବାହ ବିଚ୍ଛେଦ ୬୬ଟି ମାମଲରୁ ୩୯ଟି ସମାଧାନ ହୋଇଛି। ଉକ୍ତ ଅଦାଲତରେ ପ୍ରଥମ ଏଡିଜେ ମୁକ୍ତିରଞ୍ଜନ ଶତପଥୀ, ଦ୍ୱିତୀୟ ଏଡିଜେ ରିତା ଜ୍ୟୋତିଷି, ପରିବାର କୋର୍ଟ ବିଚାରପତି ଲିଲି ସେନାପତି, ସିଭିଲ ଜଜ୍ ମୋନାଲିସା ପଟ୍ଟନାୟକ, ସିଭିଲ ଜର୍ଜ୍ (ବାଣିଜ୍ୟକ କୋର୍ଟ) ଅଭିଜିତ ପୁରୋହିତ, ଏସ୍‌ଡ଼ିଜେଏମ୍ ପ୍ରବୀଣ ମଣ୍ଡଳ, ଜେଏମ୍‌ଏଫ୍‌ସି ପ୍ରଦୋଷ ଦାସ, ଜେଏମ୍‌ଏଫ୍‌ସି (ରୁରାଲ) ଅମିତ ବେହୁରା, ଜେଏମ୍‌ଏଫ୍‌ସି ଶର୍ମିଷ୍ଠା ପାଢ଼ୀ, ସ୍ପନ୍ଦନ ପଟ୍ଟନାୟକ ପ୍ରମୁଖ ମାମଲାଗୁଡିକର ସମାଧାନ କରିଥିଲେ। ବସନ୍ତ ପତ୍ରୀ, ସ୍ନେହଲତା ପଟ୍ଟନାକ, ବୈଷ୍ଣବ ଚରଣ ନାୟକ ପ୍ରମୁଖ ବେଞ୍ଚ୍ ସଦସ୍ୟଙ୍କ ସହ ବରିଷ୍ଠ ଆଇନଜୀବୀ ଗିରୀଶ ଚନ୍ଦ୍ର ମହାପାତ୍ର, ନିର୍ମଳ ମହାପାତ୍ର, ଅମୂଲ୍ୟ ମହାପାତ୍ର, ବି.ଏନ୍ ପଢ଼ିଆରୀ, ମନୋଜ ପଟ୍ଟନାୟକ, ପାଣ୍ଡବ ପାତ୍ର, ଏ. ବି ଷଡଙ୍ଗୀ, ସମୀର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଲୋକ ଅଦାଲତରେ ମାମଲା ଫଇସଲା କରାଯାଉଛି।

## ସଂକ୍ଷେପରେ

### କାକାଙ୍କୁ ମରଣାନ୍ତକ ଆକ୍ରମଣ: ପୁତୁରା ଗିରଫ

ଦେବଗଡ,୧୩।୧୨(ଶଶାଙ୍କ ଶେଖର ଝାଙ୍କର)



ନିଜ କାକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଦେବଗଡ ଥାନା ପୋଲିସ ଶନିବାର ବଳମ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ଏକମାସ ପୂର୍ବେ ବଳମ ଗ୍ରାମର ରକି ମିଶ୍ର(୨୨) ନାମକ ଜଣେ ଯୁବକ ତାଙ୍କ କାକା ରଞ୍ଜନ ମିଶ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ରଞ୍ଜନ ଏହାର ପ୍ରତିବାଦ କରିବାରୁ ରକି ଉତକ୍ଷିପ୍ତ ହୋଇ ଏକ କାଠଫାଳିଆ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରଞ୍ଜନଙ୍କ ଡାହାଣ ଗୋଡ ଭାଙ୍ଗିଯିବା ସହ ତାଙ୍କ ମୁଣ୍ଡରେ ମଧ୍ୟ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା । ଏହାଦେଖି ରଞ୍ଜନଙ୍କ ଭଉଣୀ ପ୍ରତିବାଦ କରିବାରୁ ରକି ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏନେଇ ରଞ୍ଜନଙ୍କ ଭଉଣୀ ଭାରତୀ ମିଶ୍ର ଗତ ମାସ ୬ ତାରିଖରେ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ରକି ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଶନିବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ୨୦ରୁ ନାଟ୍ୟୋତ୍ସବ-୨୦୨୫

ସମ୍ବଲପୁର,୧୩।୧୨(ବି.ଶଙ୍କର)

ସମ୍ବଲପୁରୀ ନାଟକର ପ୍ରଚାର, ପ୍ରସାର ସହ ସୁସ୍ଥ ମନୋରଞ୍ଜନ ଲକ୍ଷ୍ୟ ରଖି ନାଟ୍ୟୋତ୍ସବ -୨୦୨୫ ପରିକଳ୍ପନା କରାଯାଇଛି। ଏହାରି ମାଧ୍ୟମରେ ଦର୍ଶକଙ୍କୁ ଗୋଟିଏ ମଞ୍ଚରେ ସମ୍ବଲପୁରୀ ନାଟକ ମଞ୍ଚନ ହେବା ସହିତ କବିମାନେ କବିତା ପାଠ କରିବେ । ଏହି ସମୟରେ ଚିତ୍ରକର କବିମାନଙ୍କର କବିତାକୁ ନେଇ ସୁନ୍ଦର ଚିତ୍ର ଆଙ୍କି ଦର୍ଶକଙ୍କୁ ଆକର୍ଷିତ କରିବା କାର୍ଯ୍ୟକ୍ରମ ରହିଛି। ଶନିବାର ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନାଟ୍ୟୋତ୍ସବ ଆୟୋଜକ କଖଗ ସମ୍ପାଦକ ବ୍ରଜେନ୍ଦ୍ର ନାୟକ ସୂଚିତ କରିଛନ୍ତି। ସେ କହିଛନ୍ତି ଚଳିତ ମାସ ୨୦ ଓ ୨୧ ତାରିଖ ସମ୍ବଲପୁର ସହରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟଠାରେ ନାଟ୍ୟୋତ୍ସବ ଆୟୋଜିତ ହେବ । ଏଥିସକାଶେ ପ୍ରସ୍ତୁତି ଚାଲିଛି । ପ୍ରଥମ ରଜନୀରେ ସ୍ୱାଗତିକା ସହ ସପନେ ସପନେ କବିତା, ସଙ୍ଗୀତ ଓ ଚିତ୍ରକଳା କାର୍ଯ୍ୟକ୍ରମ ହେବ। ଏଥିସହ ସମ୍ବଲପୁର ନାଟକ ସପନେ ସପନେ ମଞ୍ଚନ କରାଯିବ । ଦ୍ୱିତୀୟ ରଜନୀରେ ସଙ୍ଗୀତ କାର୍ଯ୍ୟକ୍ରମ ସ୍ପନ୍ଦନ ହେବ। ସେହିପରି ସମ୍ବଲପୁର ଏକକ ନାଟକ କଥା ମଞ୍ଚସ୍ଥ ହେବ । ଏହି କଥା ନାଟକରେ ବର୍ଷିୟାନ ଅଭିନେତା ମନୋରଞ୍ଜନ ସାହୁ ଅଭିନୟ କରିବେ। ଶେଷରେ ପ୍ଲଟ ଫର ସେଲ ନାଟକ ପରିବେଷିତ ହେବ । ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ସାହୁ, ସଂଯୁକ୍ତା ପଣ୍ଡା, ସୌମେନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ବିଷୟରେ ସୂଚିତ କରିଥିଲେ ।

### ଏସ୍‌ୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା,୧୩।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରାଞ୍ଚଳର ଏକ ଘରୋଇ ହୋଟେଲଠାରେ ଶୁକ୍ରବାର ପୂର୍ବାହ୍ନରେ ଷ୍ଟେଟ ୟୁନିୟନ ଅଫ ଜର୍ନାଲିଷ୍ଟ (ଏସ୍‌ୟୁଜେ)ଓଡ଼ିଶା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଉପ-ସଭାପତି ମେହେବୁବ ମେହେତାବ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆସନ୍ତା ଫେବୃଆରୀ ୧୧ତାରିଖରେ ହେବାକୁ ଥିବା ଷଷ୍ଠ ବାର୍ଷିକ ଉତ୍ସବ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ଏବଂ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ପାଇଁ ସରକାର କିଭଳି ଭାବେ ଧ୍ୟାନଦେବେ ଓ ଖବରଦାତାଙ୍କ ସୁରକ୍ଷା ପାଇଁ ସଂଘ ପକ୍ଷରୁ କ'ଣ କ'ଣ କାର୍ଯ୍ୟ କରାଯିବ ତାହାକୁ ନେଇ ଆଲୋଚନା କରାଯାଇଥିଲା। ଶେଷରେ ଝାରସୁଗୁଡ଼ା ଜିଲା ଶାଖାର ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା। ଏସ୍‌ୟୁଜେ ଝାରସୁଗୁଡ଼ା ଜିଲା ଶାଖାର ସଭାପତି ଭାବେ ରବି କୁମାର ଯାଦବଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ବେଳେ ପ୍ରଶାନ୍ତ ମାଝୀଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଏହି ସଭାକୁ ସଭାପତି କୈଳାସ ଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲେ।

# ଆମେ ସବୁ ମରିସାରିଛୁ ନାଟକ ମଞ୍ଚସ୍ଥ

ଦେବଗଡ଼,୧୩।୧୨(ଶଶାଙ୍କ ଶେଖର ଝାଙ୍କର)

**୨୧ତମ ଜାତୀୟ ନାଟକ ଓ ନୃତ୍ୟୋତ୍ସବ**

ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ୨୧ତମ ସର୍ବ ଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାରେ ଓଡ଼ିଆ ନାଟକ " ଆମେ ସବୁ ମରି ସାରିଛୁ " ମଞ୍ଚସ୍ଥ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ଅତିଥିଭାବେ ଇ. ଚିତ୍ତରଞ୍ଜନ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶଚନ୍ଦ୍ର ପ୍ରଧାନ ଓ ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ଆରତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଜିର ବ୍ୟସ୍ତ ବହୁଳ ସମୟରେ ଅନୁଷ୍ଠାନର କଳାକାର ଓ କର୍ମକର୍ତ୍ତାଙ୍କ ଉତ୍ସର୍ଗୀକୃତ ଭାବ ଯୋଗୁ ଆଜି ନାଟକ ବଞ୍ଚି ରହିଥିବା ଏବଂ ଲୋକଙ୍କ ମନୋରଞ୍ଜନ ସହ ନାଟକ ମାଧ୍ୟମରେ ସମାଜକୁ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପହଞ୍ଚି ପାରୁଥିବା ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜନ୍ମଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ଅନୁଷ୍ଠାନର ପୂର୍ବତନ କଳାକାର ସ୍ୱାର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଉଥିବା ବେଳେ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଗୁଳର କଳାକାର ଅନୁଷ୍ଠାନ ପକ୍ଷରୁ ଦିଲ୍ଲୀପ ବଳବନ୍ତରାୟଙ୍କ ରଚିତ ଓ ଡକ୍ଟର କୃଷ୍ଣଚନ୍ଦ୍ର ଦାଶଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ " ଆମେ ସବୁ ମରି ସାରିଛୁ " ମଞ୍ଚସ୍ଥ କରାଯାଇଥିଲା। ନାଟକରେ ଜନ୍ମ ଆଉ ମୃତ୍ୟୁ ସୃଷ୍ଟିର ୨ ରହସ୍ୟ ହେଲେ ବି ଅବଧାରିତ ସତ୍ୟ। ତଥାପ ମଣିଷ ମୃତ୍ୟୁ ଗାମୀ ଜାଣି ମଧ୍ୟ ମର୍ତ୍ତ୍ୟର ମାୟାରେ ବନ୍ଧା ପଡ଼ିଯାଏ। ନାନାଦି ଅଧର୍ମ ଓ କୁକର୍ମରେ ଲିପ୍ତ ରହେ। କିଛି ଘଟଣା ବା ଦୁର୍ଘଟଣାରେ ପ୍ରାଣ ହରେଇ ଇହ ଧାମ ତ୍ୟାଗ କରି ମୃତ୍ୟୁ ଲୋକରେ ପହଞ୍ଚି ଥିବା କିଛି ଅଶରୀରି ମଣିଷ ଏନାଟକର ଚରିତ୍ର। ମୃତ୍ୟୁ ଲୋକରେ ପହଞ୍ଚି ମର୍ତ୍ତ୍ୟ ଲୋକରେ କରିଥିବା ନିଜ ନିଜ ଅପକର୍ମର ବିଶ୍ଳେଷଣ କରିଛନ୍ତି ସେମାନେ। କଥାରେ କହନ୍ତି "ମଣିଷ ପ୍ରକୃତି ମଲେ ତୁଟେ"। କିନ୍ତୁ ଏଠାରେ ଦେଖା ଯାଉଛି,ସେଇ ମଣିଷ ମାନଙ୍କର ମୃତ୍ୟୁ ପରେ ବି କୌଣସି ପରିବର୍ତ୍ତନ ବା ପଶ୍ଚାତାପ ନାହିଁ। ଚିତ୍ରଗୁପ୍ତର ପାଞ୍ଜିରେ ଆଉ ଯମରାଜାର ଜନ୍ତାରେ ପଡ଼ି ନାଟକ ଯନ୍ତ୍ରଣା ଭୋଗ କରିବାର ଭୟକୁ ସେମାନେ ଫୁତ୍କାରରେ ଉଡ଼ାଇ ଦେଇଛନ୍ତି ସତ। କିନ୍ତୁ ଶେଷରେ ସେମାନଙ୍କର ମୋହୋ ଭଙ୍ଗ ହେଇଛି। ରହସ୍ୟ ଓ ହାସ୍ୟରସ ଏ ନାଟକର ମୁଖ୍ୟ ଆଧାର ହୋଇଥିଲେ ହେଁ ନାଟକ ନିହିତ ଶାଣିତ ବ୍ୟଙ୍ଗ ଓ ସାମାଜିକ ମୂଲ୍ୟ ବୋଧ ଏହାର ଅନ୍ୟତମ ଆକର୍ଷଣ। ନାଟକରେ ରାଜନେତା ଭଜଗୋବିନ୍ଦ ଚରିତ୍ରରେ କୃଷ୍ଣଚନ୍ଦ୍ର,ଇନ୍ସପେକ୍ଟର କେଶବ ଚରିତ୍ରରେ କ୍ଷୀରୋଦ, ସମାଜ ସେବିକା ବିନୋଦିନୀ ଚରିତ୍ରରେ ସୁକାନ୍ତି, ପ୍ରେମୀ ଯୁବକ ସତ୍ୟ ଚରିତ୍ରରେ ଅପୂର୍ବ, ପ୍ରେମିକା ଶ୍ରାବଣୀ ଚରିତ୍ରରେ ଶୁଭସ୍ମିତା, ଗୁଣ୍ଡା ଟୁପା ଚରିତ୍ରରେ ମଣିରଞ୍ଜନ,ଚିତ୍ରଗୁପ୍ତ ଚରିତ୍ରରେ ବୀରେନ୍ଦ୍ର, ଯମ ଚରିତ୍ରରେ ସଞ୍ଜୀବ ନିଖୁଣ ଅଭିନୟ କରିଥିଲେ ।



ଆମେ ସବୁ ମରି ସାରିଛୁ ନାଟକର ଏକ ଦୃଶ୍ୟ।

# ମିଲର୍ସ ଟ୍ୟାଗ୍ ନ ହେବାରୁ ଓଜନ ହେଲାନି ଚାଷୀଙ୍କ ଧାନ

ଝାରସୁଗୁଡ଼ା,୧୩।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଚଳିତ ମାସ ୯ ତାରିଖ ଲଇକେରା ପାକ୍ସ ଅନ୍ତର୍ଗତ ରେଙ୍ଗାଲବେଡ଼ାଠାରେ ପ୍ରଥମ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଜିଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାୟୀ ଜଣେ ଚାଷୀଙ୍କ ପ୍ରାୟ ୬୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ତେବେ ଧାନ କ୍ରୟ ପାଇଁ ବର୍ତ୍ତମାନ ସୁଦ୍ଧା ମିଲର୍ସ ଟ୍ୟାଗ ହୋଇ ନ ଥିବାରୁ ଚାଷୀଙ୍କ ଧାନ ଓଜନ କରା ନ ଯାଇ କେବଳ ଚାଷୀଙ୍କ ଧାନକୁ ସମବାୟ ସମିତିକୁ ହସ୍ତାନ୍ତର କରାଯାଇଛି ଓ ଚାଷୀଙ୍କୁ ତୁମର ଧାନ କ୍ରୟ ହେଲା ବୋଲି କୁହାଯାଇଥିଲା। ନୂତନ ସରକାରଙ୍କ ଘୋଷଣାକୁ ଅବମାନନା କରାଯାଇ ଧାନ ବିକ୍ରୟର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଧାନର ପ୍ରାପ୍ୟ ମଧ୍ୟ ପ୍ରଦାନ କରାଗଲା ନାହିଁ। କେବଳ ଲୋକ ଦେଖାଣିଆ ଧାନ ବିକ୍ରୟ ହୋଇଥିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ଚାଷୀକୁଳ ଏବଂ ଚାଷୀଙ୍କ ସମ୍ମାନ ପ୍ରତି ଏହା ଘୋର ଆଘାତ ହୋଇଥିବା ବେଳେ ଜିଲା ପ୍ରଶାସନର ଅପାରଗତା ପଦାରେ ପଡ଼ିଯାଇଛି।

ସୂଚନା ଅନୁଯାୟୀ, ଲଇକେରା ରେଙ୍ଗାଲବେଡ଼ାରେ ଜିଲାପାଳଙ୍କ ଦ୍ୱାରା ଗତ ୯ ତାରିଖ ଧାନମଣ୍ଡିର ଶୁଭାରମ୍ଭ ହେଲା। ଏହି ଦିନ ଲଇକେରାର ଚାଷୀ ତନ୍ମୟ ନାଏକ ପ୍ରାୟ ୬୦ କୁଇଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ମଣ୍ଡିକୁ ଆଣିଥିଲେ। ମାତ୍ର ମିଲର୍ସଙ୍କ ସହ ଧାନ କ୍ରୟ କେନ୍ଦ୍ର, ଜିଲା ପ୍ରଶାସନ ଟ୍ୟାଗ ହୋଇ ନ ଥିବାରୁ ମିଲର୍ସ ମଣ୍ଡିକୁ ଆସି ନ ଥିଲେ। ଫଳରେ ପ୍ରଶାସନ ନିଜର ସମ୍ମାନ ରକ୍ଷା କରିବା ପାଇଁ ଚାଷୀଙ୍କ ଧାନକୁ ଲଇକେରା ସମବାୟ ସମିତିର ସମ୍ପାଦକଙ୍କ ହେପାଜତରେ ଦିଆଗଲା ଓ ଧାନ କ୍ରୟ ହେଲା ବୋଲି ଘୋଷଣା କରାଗଲା। ମାତ୍ର ଦୀର୍ଘ ୩ ଦିନ ହେଲା ଚାଷୀଙ୍କ ଧାନ ସମିତିର ଗୋଦାମ ଘରେ ଗଚ୍ଛିତ ହୋଇ ରହିଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ଭେସ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଗତ ୯ ଓ ୧୦ ତାରିଖ ଦିନ ଚାଷୀଙ୍କ ଧାନ କିଣିବା ପାଇଁ କମ ଚାଷୀଙ୍କ ନମ୍ବର ରହିଥିଲା, ତେଣୁ ଆସନ୍ତା ୧୫ ତାରିଖରୁ ମିଲର୍ସ ଟ୍ୟାଗ ହେଲା ପରେ ଧାନ କିଣା ଆରମ୍ଭ କରାଯିବ। ଏହା ସହିତ ଲଇକେରାର ଚାଷୀ ତନ୍ମୟ ନାଇକ କହିଛନ୍ତି, ଏ ଯାଏ ମୋର ଧାନକୁ ଓଜନ କରାଯାଇ ନାହିଁ, ବିକ୍ରି ରସିଦ ମଧ୍ୟ ପାଇନାହିଁ, କେବଳ ମୋର ଧାନକୁ ବିକ୍ରୟ କେନ୍ଦ୍ରରେ ସୁରକ୍ଷିତ ରଖାଯାଇଛି। ତେବେ ଯଦି ମିଲର୍ସ ଟ୍ୟାଗ ହୋଇ ନ ଥିଲା ତେବେ କାହିଁକି ଲୋକ ଦେଖାଣିଆ ଧାନ କିଣିବା ପାଇଁ ଜିଲା ପ୍ରଶାସନ ତତ୍ପର ହୋଇ ଉଠିଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଧାନ କିଣା ପ୍ରକ୍ରିୟା ଠିକ୍ ଭାବରେ ଚାଲିବା ନେଇ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି।



**ଲୋକଦେଖାଣିଆ ଧାନକିଣା**

# ୪୩୩୨ ମକଦ୍ଦମାର ଆପୋସ ସମାଧାନ

ଝାରସୁଗୁଡ଼ା,୧୩।୧୨(ଆଶିଷ ରଞ୍ଜନ ଦାଶ)

**୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ**

ଝାରସୁଗୁଡ଼ା ଜିଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଶନିବାର ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ନାୟକ ମୋଟରଯାନ ଦୁର୍ଘଟଣା ଦାବିଜନିତ ମୋକଦ୍ଦମାଗୁଡ଼ିକ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀଗୁଡ଼ିକୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବାଜନିତ ପ୍ରାକ୍ ମୋକଦ୍ଦମା, ବରିଷ୍ଠ ଦେୱାନୀ ବିଚାରପତି ପ୍ରତ୍ୟୁଷା କିରନ ବୈବାହିକ, ପରିବାର ବିବାଦ ମୋକଦ୍ଦମାଗୁଡ଼ିକ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସଦାଶିବ ଜେନା, ବରିଷ୍ଠ ଦେୱାନୀ ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନୀ ବିଚାରପତି ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନୀ ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନୀ ମକଦ୍ଦମାଗୁଡ଼ିକର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, ଜେ.ଏମ୍.ଏଫ୍.ସି. ଲଖନପୁର ଜୟା ରାଏ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ବ୍ରଜେଶ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଫୌଜଦାରି ମାମଲାଗୁଡ଼ିକର ଆପୋସ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତି ରଞ୍ଜନ ମହାପାତ୍ର ଓ ସିଭିଲ ଜଜ୍ ସ୍ୱାତୀ ସାମଲ ଉପସ୍ଥିତ ଥିବାବେଳେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ରାଜସ୍ୱ ଅଦାଲତରେ ରାଜସ୍ୱ ମାମଲାଗୁଡ଼ିକ ସମାଧାନ ହୋଇଥିଲା। ଏହି ଲୋକ ଅଦାଲତରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୧ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ବେସରକାରୀ ବୀମା କମ୍ପାନୀଗୁଡ଼ିକ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋସ ବୁଝାମଣା ପାଇଁ ଉପସ୍ଥିତ ଥିଲେ। ଏହାସହିତ ସମୁଦାୟ ୪୩୩୨ଟି ମୋକଦ୍ଦମାର ସମାଧାନ କରାଯାଇ ୬୨ ଲକ୍ଷ ୬୨ ହଜାର ୭ଶହ ୭୮ଟଙ୍କା ଆଦାୟ କରାଯାଇଥିଲା।

# ଚଷା ଏକାଠି ହେଲେ ଜାତିର ସମସ୍ୟା ଦୂରହେବ

ସମ୍ବଲପୁର,୧୩।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ଆଞ୍ଚଳିକ ଚଷା ସମାଜର ବୈଠକ ଶନିବାର ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବେଦବ୍ୟାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଷା ସମାଜକୁ ଅବହେଳା କରାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ସରକାରୀସ୍ତରରେ ଯେତିକି ସୁବିଧା ସୁଯୋଗ ମିଳିବ କଥା ମିଳି ପାରିନହିଁ। ଯଦି ପୁରା ସମାଜ ଏକାଠି ନ ହେବ ତାହା ହେଲେ ଏଭଳି ଅତ୍ୟାଚାର ଜାରି ରହିଥିବ ବୋଲି ବୈଠକରେ ବକ୍ତାମାନେ ମତ ଦେଇଥିଲେ। ଚଷା ସମାଜ ଅଗ୍ରଗତି ଓ ସମାଧାନ ପାଇଁ ଆସନ୍ତା ୨୮ ତାରିଖରେ ଅନୁଗୋଳ ଜିଲାର ବାମୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ମହାସମାବେଶ ଆୟୋଜନ କରାଯିବ। ଏହି ମହା ସମାବେଶରେ ଯୁଯୁମୁରା ବ୍ଲକରୁ ଅଧିକ ସଂଖ୍ୟାରେ ଯୋଗଦାନ କରିବାକୁ ଆହ୍ୱାନ କରାଯାଇଥିଲା। ସଭାରେ ଯୁଯୁମୁରା ବ୍ଲକ ୧୮ଟି ପଞ୍ଚାୟତ ଶତାଧିକ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ମହାସମାବେଶ ପାଇଁ ସଭ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନ, ରାଜ୍ୟ ସମ୍ପାଦକ ଜୟକୃଷ୍ଣ ପ୍ରଧାନ, ପ୍ରଫେସର ଶରତ ପ୍ରଧାନ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ସମିତି ସଭ୍ୟ ଜୟନ୍ତ ପ୍ରଧାନ ବୈଠକ ପରିଚାଳନା କରିଥିଲେ। ବାରୁ ପ୍ରଧାନ ସ୍ୱାଗତ ଭାଷଣ, ଦିବ୍ୟ କିଶୋର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥଲେ। ବ୍ଲକର ଶତାଧିକ ଚଷା ଯୋଗ ଦେଇଥିଲେ। ଦେଓଝରଣକୁ କୃଷିର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଦେବଗଡ଼,୧୩।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସିଭିଲ କୋର୍ଟ ତଥା ରିଆମାଳ କୋର୍ଟ ଏବଂ ବାରକୋଟ କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦେବାଶିଷ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦେବଗଡର ସମସ୍ତ କୋର୍ଟ ସହ ବିଭିନ୍ନ ବ୍ୟାଙ୍କ ଓ ବିଦ୍ୟୁତ୍ ବିଭାଗ ଉକ୍ତ ଲୋକ ଅଦାଲତରେ ଭାଗ ନେଇଥିଲେ। ଏହି ଲୋକ ଅଦାଲତରେ ୧୫ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ମୋଟ ୧,୫୧,୨୭,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଚାରଯୋଗ୍ୟ ୭୮ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା। ୪ଟି ଏନ୍‌ଆଇ ଆକ୍ଟ ଫଇସଲା ହୋଇ ୧୩,୫୮,୮୮୧ ଟଙ୍କା ଆଦାୟ ହୋଇଥିଲା। ଏଥିସହିତ ରେଭେନ୍ୟୁ କେସ ୫,୭୪୫ ଟି, ଶ୍ରମ ମାମଲାରେ ୧ ଟିରେ ୨୯,୩୬୦ଟଙ୍କା, ଅନ୍ୟାନ୍ୟ ଜମିଜମା କେସ ୧ଟି, ୩୬ଟି ବ୍ୟାଙ୍କରଣରେ ୫,୫୮,୦୦୦ଟଙ୍କା ଏବଂ ବିଦ୍ୟୁତ୍ ସଂକ୍ରାନ୍ତୀୟ ୫୯ମାମଲା ବାବଦକୁ ମୋଟ ୫,୭୧,୫୦୯ ଟଙ୍କା ଆଦାୟ କରାଯାଇଥିଲା। ସର୍ବମୋଟ ୧,୭୬.୪୪,୭୫୦ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ଜିଲା ଜଜ ଦେବାଶିଷ ରାଉତ, ଅତିରିକ୍ତ ଜିଲା ଜଜ ମଧୁମିତା ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ବେହେରା, ସିନିୟର୍ ସିଭିଲ ଜଜ ମନୋରଞ୍ଜନ ମିଶ୍ର, ରେଜିଷ୍ଟ୍ରାର ବିଶ୍ୱଜିତ ମହାନ୍ତି, ମହିଳା କୋର୍ଟର ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ରୁଦ୍ରପ୍ରକାଶ ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଧନଞ୍ଜୟ ନାୟକ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଭସ୍ମିତା ଶୁଭଦର୍ଶିନୀ ପାତ୍ର ଉପସ୍ଥିତ ରହି ଲୋକ ଅଦାଲତର ପରିଚାଳନା କରିଥିଲେ। ସେହିପରି ରିଆମାଳ କୋର୍ଟରେ ଜେଏମ୍‌ଏଫସି ବିନୟ ପ୍ରସାଦ ସାହୁ ଏବଂ ବାରକୋଟ କୋର୍ଟରେ ଜେଏମ୍‌ଏଫସି ଅଙ୍କିତା ଗୁରୁ ଉପସ୍ଥିତ ରହି ଲୋକ ଅଦାଲତର ପରିଚାଳନା କରିଥିଲେ। ଏଥି ସହିତ ଜିଲା ବାର ଆସୋସିଏଶନ, ଦେବଗଡର ସଭାପତି ସଚ୍ଚିକାନ୍ତ ଦାଶ, ସମ୍ପାଦକ ସିଦ୍ଧେଶ୍ୱର ଗୁରୁଙ୍କ ସମେତ ବହୁ ଆଇନଜୀବି ରାଜୀବ ଲୋଚନ ପ୍ରଧାନ, ଆଶୁତୋଷ ଶର୍ମା, ଜୟ ଭଗବାନ ଅଗ୍ରୱାଲ, ରୁଦ୍ରମଣୀ ବେହେରା, ଦିଲୀପ କୁମାର ଗୁରୁ, ବିକାଶ କୁମାର ପ୍ରଧାନ, କ୍ଷେତ୍ରବାସୀ ମେହେର, ଶ୍ରୀବତ୍ସ ମିଶ୍ର, ତରଣୀକାନ୍ତ ଦାଶ, ପୂର୍ଣ୍ଣଚନ୍ଦ୍ର ବୁଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଲୋକ ଅଦାଲତରେ ବହୁ ଜିଲା କୋର୍ଟ କର୍ମଚାରୀ ଏବଂ ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡର ସମସ୍ତ କର୍ମଚାରୀ ଏବଂ ବହୁ ପାରା ଲିଗାଲ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# କ୍ରୀଡ଼ା ଉତ୍ସବରେ ୬୫୦ ପ୍ରତିଯୋଗୀଙ୍କ ଯୋଗଦାନ

ବ୍ରଜରାଜନଗର,୧୩।୧୨(ବିଜୟ ବରାଡ଼)



ଝାରସୁଗୁଡ଼ା ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଶନିବାର ବ୍ରଜରାଜନଗର ସହରାଞ୍ଚଳସ୍ଥିତ ମଣ୍ଡଳୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାରେ ବିଭିନ୍ନ କ୍ଷେତ୍ରରୁ ୬୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସହାୟତା କରିବା ପାଇଁ ୫୦ ଅଫିସିଆଲ ଷ୍ଟାଫ ସହାୟତା ପ୍ରଦାନ କରିଥିଲେ। ଖେଳର ପ୍ରଥମ ଦିନରେ ବିଭିନ୍ନ ବିଭାଗରେ ୧୩୪ ଇଭେଣ୍ଟରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ରବିବାର ଶେଷ ଦିନରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ମାନପତ୍ର ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯିବ ବୋଲି ଚୟନ କମିଟି ସମ୍ପାଦକ କମ୍ପାଉଣ୍ଡର ବେହେରା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଇବ୍ କ୍ଷେତ୍ର ମହାପ୍ରବନ୍ଧକ ଜିତେନ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ବ୍ରିଜେଶ ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭବରେ ଯୋଗଦେଇଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ



ବିଧାୟକଙ୍କ ଅଭିଯୋଗ ଶୁଣାଣି ଚାଲିଛି।

ଝାରସୁଗୁଡ଼ା,୧୩।୧୨(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର ପୂର୍ବାହ୍ନରେ ଜନସାଧାରଣଙ୍କ ଜନ ଅଭିଯୋଗ ଶୁଣାଣି କରିଥିଲେ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଝାରସୁଗୁଡ଼ା ବ୍ଲକ ଏବଂ ପୌର ପରିଷଦ, ଲଇକେରା, କିର୍ମିରା, କୋଲାବିରା ବ୍ଲକର ଶତାଧିକ ମହିଳା ପୁରୁଷ ସେମାନଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ସମସ୍ୟାର ସମାଧାନ ପାଇଁ ବିଧାୟକ ତ୍ରିପାଠୀଙ୍କୁ ଜଣାଇଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଓଏମ୍‌ପି ଓ ବଡ଼ମାଳ ଅଞ୍ଚଳରେ ରାସ୍ତା ନିର୍ମାଣ, ରେଡକ୍ରସ୍‌ରୁ ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଏବଂ ନୂତନ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ବିଧାୟକ ତ୍ରିପାଠୀଙ୍କୁ ଜଣାଇଥିଲେ। ବିଧାୟକ ତ୍ରିପାଠୀ କେତୋଟି ଅଭିଯୋଗର ସମାଧାନ ତୁରନ୍ତ କରିସାରିଥିବା ବେଳେ ଆଉ କେତୋଟି ଅଭିଯୋଗ ମଧ୍ୟ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରତିବାଦରେ ମଧୁବନନଗର ବାଇପାସ୍ ରାସ୍ତା ଅବରୋଧ

ବ୍ରଜରାଜନଗର,୧୩।୧୨(ବିଜୟ ବରାଡ଼)



ଲୋକମାନେ ମଧୁବନନଗର ବାଇପାସ ରାସ୍ତା ଅବରୋଧ କରିଛନ୍ତି।

**■କୋଇଲା ଧୂଳିରେ ଅତିଷ୍ଠ ଜନସାଧାରଣ**

**■ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ**

କୋଇଲା ଧୂଳି ଯୋଗୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ଏହାର ପ୍ରତିବାଦରେ ଶନିବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ମଧୁବନନଗର ବାଇପାସ ରାସ୍ତାକୁ ୪ ଘଣ୍ଟା ଧରି ଅବରୋଧ କରିଥିଲେ। କୋଇଲା ଖଣି ମ୍ୟାନେଜରଙ୍କ ପ୍ରତିଶ୍ରୁତି ମିଳିଲା ପରେ ରାସ୍ତାରୋକୋ ହଟିଥିଲା।

ଲଜକୁରା ଓ ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣିରୁ ଦୈନିକ ଶହ ଶହ ଟ୍ରକ କୋଇଲା ବୋଝେଇ କରି ଏହି ବାଇପାସ ରାସ୍ତା ଦେଇ ୪୯ ନଂ, ଜାତୀୟ ରାଜପଥକୁ ଯାଉଛି। କିନ୍ତୁ ଏହି ବାଇପାସ ରାସ୍ତାରେ ପାଣି ପଡୁ ନ ଥିବାରୁ କୋଇଲା ଧୂଳି ଘରଗୁଡ଼ିକରେ ପଶିବା ସହ ଗ୍ରାମରେ ଥିବା ପୋଖରୀରେ ଯାଇ ପଡୁଛି, ଯାହାଦ୍ୱାରା ପୋଖରୀ ପାଣିରେ ଗ୍ରାମବାସୀ ଗୋଧୋଇ ପାରୁନାହାନ୍ତି। ଏହା ଦ୍ୱାରା ରାସ୍ତା ଆଖପାଖ ଅଞ୍ଚଳରେ ରହୁଥିବା ଜନସାଧାରଣ ଅତିଷ୍ଠ ହୋଇପଡ଼ିବା ସହ କୋଇଲା ଧୂଳି ଯୋଗୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। କିନ୍ତୁ ଏଥିପ୍ରତି ମହାନଦୀ କୋଇଲା କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। କୋଇଲା କମ୍ପାନୀ କର୍ତ୍ତୃପକ୍ଷ ସଜାଗ ହୋଇ ଧୂଳି ଉଡୁଥିବା ଏହି ରାସ୍ତାରେ ପ୍ରତ୍ୟେକ ଦିନ ଟ୍ୟାଙ୍କର ଯୋଗେ ପାଣି ପକାଇବା ବ୍ୟବସ୍ଥା ଥିବା ନିୟମକୁ ଉଲ୍ଲଂଘନ କରୁଛନ୍ତି। ଏହାର ପ୍ରତିବାଦରେ ସକାଳ ୮ଟାରେ ମଧୁବନ ନଗର ବାଇପାସ ରାସ୍ତାକୁ ଉକ୍ତ ଗ୍ରାମବାସୀ ଅବରୋଧ କରିଥିଲେ। ଫଳରେ ମଧ୍ୟାହ୍ନ ୧୨ଟା ଯାଏ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଲଜକୁରା ଖୋଲା ମୁହଁ କୋଇଲା ଖଣି ମ୍ୟାନେଜର ନବୀନ କୁମାର ଘଟଣାସ୍ଥଳରେ ପହଞ୍ଚି ଦୈନିକ ୪ ଥର ଟ୍ୟାଙ୍କର ଯୋଗେ ପାଣି ପକାଇବାକୁ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ ଓ ଟ୍ରକ ଚଳାଚଳ ସ୍ୱାଭାବିକ ହୋଇଥିଲା।

